# ହସ୍ତାନ୍ତର ହେଉନି ଇନ୍‌ଡୋର ଷ୍ଟାଡିୟମ୍




- ପାଇପ୍ ଲାଇନ୍ (ପିଏଚ) କାମ ବାକି
- ଜିଲ୍ଲା କ୍ରୀଡା ବିଭାଗକୁ ହସ୍ତାନ୍ତର କରିବ ପୂର୍ତ୍ତ ବିଭାଗ

**ବାଲେଶ୍ୱର, ୧୦।୧(ସମିସ):**

ବାଲେଶ୍ୱର ସହରର ଆଇଟିଆଇ ପଡ଼ିଆ ପାର୍ଶ୍ୱରେ ୧୧ କୋଟି ୧୦ଲକ୍ଷ ଟଙ୍କା ଅଟକଳରେ ତିଆରି ହେଉଥିବା ବିଜୁ ପଟ୍ଟନାୟକ ମଲ୍ଟି ପରପୋଜ ଇନ୍‌ଡୋର ଷ୍ଟାଡିୟମର ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ସରିବାର ସମୟ ଅବଧି ଅତିକ୍ରମ କରିଯାଇଛି; ମାତ୍ର ଏହି ଷ୍ଟାଡିୟମ ଗୃହର ପାଇପ୍ ଲାଇନ୍ (ପିଏଚ)କାମ ବାକି ଥିବା ଯୋଗୁ ପୂର୍ତ୍ତ ବିଭାଗ ପକ୍ଷରୁ ଏହାକୁ ଜିଲ୍ଲା କ୍ରୀଡା ବିଭାଗକୁ ହସ୍ତାନ୍ତର କରଯାଇ ନାହିଁ। ଏହା ଫଳରେ ଇନ୍‌ଡୋର ଗେମ୍ ଖେଳୁଥିବା ଓ ଖେଳିବାକୁ ଆଗ୍ରହ କରୁଥିବା କ୍ରୀଡ଼ାବିତଙ୍କୁ ଖେଳ ଅଭ୍ୟାସ କରିବା ଲାଗି ସମ୍ପୃକ୍ତ ଷ୍ଟାଡିୟମକୁ ବର୍ତ୍ତମାନ ସୁଦ୍ଧା ବ୍ୟବହାର କରିବାକୁ ଦିଆଯାଉ ନାହିଁ। ତେବେ ଏହି ଷ୍ଟାଡିୟମର ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଶେଷ କରିବାର ସମୟ ଅବଧି ଅତିକ୍ରମ କରି ୮ ମାସ ବିତି ଗଲାଣି। ଆଉ କେତେ ମାସ ବିତିଲା ପରେ ପୂର୍ତ୍ତ ବିଭାଗ ଏହାର ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଶେଷ କରିବ ବୋଲି କ୍ରୀଡ଼ାବିତ ମହଲରେ ପ୍ରଶ୍ନ ଉଠୁଛି।

ବାଲେଶ୍ୱର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗତ ୪ବର୍ଷ ମଧ୍ୟରେ ଏହି ସହରର ରୂପରଙ୍ଗ ବଦଳିବାରେ ଲାଗିଛି। ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ କ୍ଷେତ୍ରରେ ସହରର ବିଶେଷ ଭାବେ ଉନ୍ନତି ହେଉଥିବା ବେଳେ କ୍ରୀଡା କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ହେଉଛି। ଆଉଟ ଡୋର ଗେମ ପାଇଁ ସରକାର ସହରରେ ଆଉଟ ଡୋର ଷ୍ଟାଡିୟମ ଗୁଡିକୁ ବିକାଶ କରିଛନ୍ତି। ଇନଡ଼ୋର ଗେମ ପାଇଁ ସରକାର ସହରସ୍ଥ ଆଇଟିଆଇ ପଡ଼ିଆ ପାର୍ଶ୍ୱରେ ୧୧କୋଟି ୧୦ ଲକ୍ଷ ଟଙ୍କା ଅଟକଳରେ ମଲ୍ଟି ପରପୋଜ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରିଛନ୍ତି। ଏହାର ନାମ ବିଜୁ ପଟ୍ଟନାୟକ ମଲ୍ଟି ପରପୋଜ ଇନଡୋର ଷ୍ଟାଡିୟମ ରଖାଯାଇଛି। ଏଥିରେ ୪ଟି ବ୍ୟାଡ ମିଣ୍ଟନ କୋର୍ଟ ଓ ଗୋଟିଏ ଟେବୁଲ ଟେନିସ ବୋର୍ଡ ଥିଲାବେଳେ ଯୋଗ, ଭାର ଉତ୍ତୋଳନ ଓ ଜିମର ବ୍ୟବସ୍ଥା ମଧ୍ୟ ରହିଛି। ପୂର୍ବରୁ ବାଲେଶ୍ୱର ସହରର କ୍ରୀଡ଼ାବିତମାନଙ୍କ ପାଇଁ ଇନଡୋର ଷ୍ଟାଡିୟମ ନ ଥିଲା। ଆଗ୍ରହୀ କ୍ରୀଡ଼ାବିତମାନଙ୍କ ମଧ୍ୟରୁ ଅଳ୍ପ କିଛି ଜଣ ବାଲେଶ୍ୱର ଅଫିସର କ୍ଲବରେ ଯାଇ ଖେଳ ଅଭ୍ୟାସ କରୁଥିଲେ। ସହରର ଅଧିକାଂଶ କ୍ରୀଡ଼ାବିତ ଇନଡୋର ଷ୍ଟାଡିୟମ ନ ଥିବା ଯୋଗୁ ଖେଳ ଅଭ୍ୟାସ କରିପାରୁ ନ ଥିଲେ।

ଆଇଟିଆଇ ପଡ଼ିଆରେ ଇନଡୋର ଷ୍ଟାଡିୟମ ନିର୍ମାଣ ହେଉଥିବା ଦେଖିବା ପରେ କ୍ରୀଡ଼ାବିତ ଉତ୍ସାହିତ। ଏହି ଇନଡୋର ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ୩୧।୦୨।୨୦୨୩ ସୁଦ୍ଧା ଶେଷ କରିବାର ସମୟ ଅବଧି ରହିଥିଲା; ହେଲେ ଏହାର ନିର୍ମାଣ ଦାୟିତ୍ୱ ନେଇଥିବା ପୂର୍ତ୍ତ ବିଭାଗ ଡିଭିଜନ-୧ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଶେଷ କରିନାହିଁ। ଏହି ନୂତନ ନିର୍ମାଣ ହେଇଥିବା ଷ୍ଟାଡିୟମ ଗୃହରେ ପାଇପ ଲାଇନ କାମ ଶେଷ ହେଇ ନ ଥିବା ଦର୍ଶାଇ ପୂର୍ତ୍ତ ବିଭାଗ ପକ୍ଷରୁ ଜିଲ୍ଲା କ୍ରୀଡା ବିଭାଗକୁ ହସ୍ତାନ୍ତର କରାଯାଇ ନ ଥିବା ଜଣାପଡ଼ିଛି। ଏହାକୁ ନେଇ କ୍ରୀଡ଼ାବିତ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଉଛି।

ସୂଚନାଯୋଗ୍ୟ, ଜଳେଶ୍ୱର ଓ ନୀଳଗିରି ସହରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଇନଡ଼ୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। ଜଳେଶ୍ୱର ଷ୍ଟାଡିୟମ କାର୍ଯ୍ୟକାରୀ ହେଇ ନ ଥିଲା ବେଳେ ନୀଳଗିରିରେ ଶହେରୁ ଅଧିକ କ୍ରୀଡ଼ାବିତ ନିଜ ନିଜର ଖେଳ ଅଭ୍ୟାସ କରୁଛନ୍ତି।

- ମା' ମଙ୍ଗଳା ଫୁଟବଲ ଟିମ୍ ପକ୍ଷରୁ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ମୁସଲିମ୍ ଆଣ୍ଡ ମୁସଲିମ୍ ବିଜୟୀ

**ବାଲେଶ୍ୱର, ୧୦।୧(ସମିସ):** ରେମୁଣା ବ୍ଲକ ଗନୀପୁର ମା' ମଙ୍ଗଳା ଫୁଟବଲ ଟିମ୍‌ର ରୌପ୍ୟ ଜୟନ୍ତୀ ଅବସରରେ ସ୍ଥାନୀୟ ଖେଳ ପଡ଼ିଆରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେଫୋର୍ସ ଟାଇଗରକୁ ୧-୦ ଗୋଲରେ ମୁସଲିମ ଆଣ୍ଡ ମୁସଲିମ ଟିମ୍ ପରାସ୍ତ କରି ବିଜୟୀ ହୋଇଛି।



୮ଟି ଟିମ୍ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଆୟୋଜକ ଲକ୍ଷ୍ମୀକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ଏନଏସି ଚେୟାରମ୍ୟାନ ତନୁଜା ଗିରି, ବିଜେଡି ଜିଲ୍ଲା ବରିଷ୍ଠ ଉପସଭାପତି ପ୍ରଭାତ ବିଶ୍ୱାଳ, ଏନଏସି ଉପାଧ୍ୟକ୍ଷ ଏହେସାନ ଖାନ, ରାମ ନାରାୟଣ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଅଭିମନ୍ୟୁ ଦିନ୍ଦା, ପ୍ରତାପ ସେଠୀ, ପ୍ରଫୁଲ୍ଲ ମଣ୍ଡଳ, ଆଇନଜୀବୀ କରୁଣାକର ମହାନ୍ତି, ହୃଦାନନ୍ଦ ସାହୁ, କ୍ଲବର ସଭାପତି ରବି ନାରାୟଣ ନାୟକ, ସମ୍ପାଦକ ପ୍ରଦୀପ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ଟିପିଏନ୍‌ଓଡିଏଲ୍‌କୁ 'ପ୍ଲାଟିନିୟମ' ସମ୍ମାନ




**ବାଲେଶ୍ୱର, ୧୦।୧(ସମିସ):** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ)ର ଗୁଣାତ୍ମକ ସୁରକ୍ଷା ପଦ୍ଧତିଲାଗି ସ୍ୱୀକୃତି ମିଳିଛି। କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା ପଦ୍ଧତି ପାଇଁ ଟିପିଏନଓଡିଏଲକୁ 'ପ୍ଲାଟିନିୟମ' ସମ୍ମାନରେ ସମ୍ମାନିତ କରାଯାଇଛି। 'ସଷ୍ଟେନେବଲ ଡେଭଲପମେଣ୍ଟ ଫାଉଣ୍ଡେସନ' ପକ୍ଷରୁ କେରଳର ଥିରୁଭନ୍ତପୁରମରେ ଆୟୋଜିତ '୧୫ତମ ବୃତିଗତ ସୁରକ୍ଷା ଓ ସ୍ୱାସ୍ଥ୍ୟ ସମ୍ମିଳନୀ'ରେ ଟିପିଏନଓଡିଏଲକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏହାକୁ ନେଇ ଟିପିଏନଓଡିଏଲ ସିଇଓ ଭାସ୍କର ସରକାର ଖୁସି ବ୍ୟକ୍ତ କରିବା ସହ ଏହି ସଫଳତା ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଏକ ନିରାପଦ ଏବଂ ସୁସ୍ଥ କାର୍ଯ୍ୟ ପରିବେଶ ସୃଷ୍ଟି ଦିଗରେ ଅଧିକ ପ୍ରେରଣା ଦେବ ବୋଲି କହିଛନ୍ତି। ଏହି ସ୍ୱୀକୃତି ଅଦମ୍ୟ ଉତ୍ସର୍ଗର ଏକ ପ୍ରମାଣ। ଏହା ସାମୂହିକ ପ୍ରୟାସ ଏବଂ ନିରାପତ୍ତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି ବୋଲି ସେ କହିଛନ୍ତି। ସେ ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ, ପ୍ଲାଟିନମ୍ ପୁରସ୍କାର କମ୍ପାନୀକୁ ସୁରକ୍ଷା କ୍ଷେତ୍ରର ଅଗ୍ରଣୀ ଭାବରେ ସ୍ୱୀକୃତି ଦେଇଛି। ସୁରକ୍ଷା ମାନଦଣ୍ଡରେ ଉତ୍କର୍ଷତା ପାଇଁ ଏକ ମାନଦଣ୍ଡ ମଧ୍ୟ ସ୍ଥିର କରିଛି ବୋଲି ସେ ଦର୍ଶାଇଛନ୍ତି।

## ଗୌତମବୁଦ୍ଧ ଦାସଙ୍କୁ ଭୋଗରାଇରେ ବିପୁଳ ସମ୍ବର୍ଦ୍ଧନା



**ବାଲେଶ୍ୱର(ଉତ୍ତର), ୧୦।୧(ସମିସ):** ବିଜେଡି ରାଜ୍ୟ ମୁଖପାତ୍ର ତଥା ଯୁବନେତା ଗୌତମବୁଦ୍ଧ ଦାସଙ୍କୁ ଦଳ ତରଫରୁ ନିକଟରେ ଦେବଗଡ଼ ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ତେବେ ଶ୍ରୀ ଦାସ ବୁଧବାର ନିଜ ଜନ୍ମମାଟି ଭୋଗରାଇକୁ ଆସିଥିବା ବେଳେ ଏଠାରେ ତାଙ୍କୁ ବିଜେଡିର ବହୁ ଶୁଭେଚ୍ଛୁ ତଥା ବିଭିନ୍ନ ପଞ୍ଚାୟତର ବିଜେଡି କର୍ମୀମାନେ ବିଭିନ୍ନ ସ୍ଥାନରେ ପୁଷ୍ପଗୁଚ୍ଛ ଦେଇ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରଥମେ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥ ନହରାଛକଠାରେ ସ୍ଥାନୀୟ ପଞ୍ଚାୟତର ବିଜେଡି କର୍ମୀମାନେ ଫୁଲ ତୋଡ଼ା ଦେଇ ତାଙ୍କର ନୂତନ ନିଯୁକ୍ତି ପାଇଁ ଶୁଭେଚ୍ଛା ଜଣାଇ ଥିଲେ। ସେହିଭଳି କର୍ମର୍ଦ୍ଦା ବଙ୍ଗଳା ଛକ, ବାଉଁଶଡିହା ଛକ, ବେଣୁଦା ଛକ ଏବଂ ଦେହୁର୍ଦ୍ଦା ଥାନାଛକଠାରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶହ ଶହ ବିଜେଡି କର୍ମୀ ଓ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ଦାସ ଚନ୍ଦନେଶ୍ୱରରେ ପହଞ୍ଚି ବାବା ଚନ୍ଦନେଶ୍ୱରଙ୍କଠାରେ ଆଶୀର୍ବାଦ ଭିକ୍ଷା କରିଥିଲେ। ସେଠାରେ ମଧ୍ୟ ସ୍ଥାନୀୟ ଅଞ୍ଚଳର ବିଜେଡି କର୍ମୀମାନେ ପହଞ୍ଚି ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ଆଜିଠୁ ଭୋଟର ଶିଖିବେ ଇଭିଏମ୍ ବ୍ୟବହାର

**ବାଲେଶ୍ୱର, ୧୦।୧(ସମିସ):** ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ ତଥା ଜିଲ୍ଲାରେ ନିର୍ବାଚନ ପ୍ରକ୍ରିୟା ପ୍ରସ୍ତୁତି କାର୍ଯ୍ୟ ଚାଲୁ ରହିଛି। ନିର୍ବାଚନରେ ଭୋଟିଂ ମେସିନ ମାଧ୍ୟମରେ ଭୋଟ ଦାନ ହେବ। ଏଣୁ ପ୍ରତ୍ୟେକ ଭୋଟର ଠିକ୍ ଭାବରେ ଭୋଟିଂ ମେସିନର ବ୍ୟବହାର କରି ନିଜର ମୂଲ୍ୟବାନ ଭୋଟ ଦାନ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏକ ପ୍ରେସ୍‌ବିବୃତି ମାଧ୍ୟମରେ ଜଣାଇଛନ୍ତି। ଭୋଟିଂ ମେସିନର ଠିକ ବ୍ୟବହାର ବାବଦରେ ଭୋଟରଙ୍କୁ ଅବଗତ କରାଇବା ନିମନ୍ତେ ଗୁରୁବାରରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଏବଂ ନୀଳଗିରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବ୍ୟବସ୍ଥା ହୋଇଛି। ଭୋଟିଂ ମେସିନ ବ୍ୟବହାର ପ୍ରଦର୍ଶନ ନିମନ୍ତେ ଏକ ଅସ୍ଥାୟୀ କେନ୍ଦ୍ର ଯଥା ଇଭିଏମ୍ ଡେମନଷ୍ଟ୍ରେସନ ସେଣ୍ଟର (ଇଡିସି) ସ୍ଥାପନ କରାଯାଇଛି। ଏଠାରେ ଭୋଟରଙ୍କୁ ଏହା ଉପରେ ଶିକ୍ଷା ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହି କେନ୍ଦ୍ରରେ ସରକାରୀ ଅଧିକାରୀ ଭୋଟରଙ୍କୁ ଏହି ମେସିନ ବ୍ୟବହାର ବାବଦରେ ଶିଖାଇବେ। ଏହାସହ ପ୍ରତ୍ୟେକ ପୌରପାଳିକା ଓ ବ୍ଲକରେ ଏହି ଭୋଟିଂ ମେସିନ ବ୍ୟବହାର ନିମନ୍ତେ ଭ୍ରାମ୍ୟମାଣ ଯାନ ଗଡ଼ିବ। ପ୍ରତି ପୌରପାଳିକା ଓ ବ୍ଲକରେ ଗୋଟିଏ ଲେଖାଏଁ ଗାଡ଼ି ବ୍ୟବସ୍ଥା କରାଯାଇଛି। ଏହି ପରି ୧୫ଟି ମୋବାଇଲ ଡେମନଷ୍ଟ୍ରେସନ ଭେହିକଲ (ଏମଡିଭି) ୧୬ ତାରିଖରୁ ପ୍ରତ୍ୟେକ ବୁଥ୍ ଯାଇ ଭୋଟରଙ୍କୁ ମେସିନ ବ୍ୟବହାର ଶିଖାଇବ। ପ୍ରତ୍ୟେକ ଗାଡ଼ି ଗୋଟିଏ ଗୋଟିଏ ବୁଥ ଅବସ୍ଥିତିରେ ୯୦ ମିନିଟ ଭୋଟରଙ୍କୁ ମେସିନ ଭୋଟିଂ ଅଭ୍ୟାସ କରାଇବ। ପ୍ରତ୍ୟହ ଗୋଟିଏ ଯାନ ୩ଟି ବୁଥ୍ ଗସ୍ତ କରିବ। ଏହି କାର୍ଯ୍ୟକ୍ରମ ଫେବୃଆରୀ ୨୯ ତାରିଖ ପର୍ଯ୍ୟନ୍ତ ଚାଲି।

## କ୍ୟାନସର ସଚେତନତା କାର୍ଯ୍ୟକ୍ରମ




**ବାଲେଶ୍ୱର, ୧୦।୧(ସମିସ):** କୁରୁଡ଼ାସ୍ଥିତ ଲାୟନ୍ସ ଡାଇବେଟିସ ଓ ଫିଜିଓ କ୍ଲିନିକ୍ ପରିସରରେ କ୍ୟାନସର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କ୍ଲବ୍ ସ୍ୟାଣ୍ଡ ସିଟି ବାଲେଶ୍ୱର ଶାଖା ଓ ପଣ୍ଡା କ୍ୟାନ୍ସର ହସ୍ପିଟାଲ ସହଯୋଗରେ ଏହି କ୍ୟାନସର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲାୟନ୍ସ କ୍ଲବ ସାଣ୍ଡ ସିଟିର ସଭାପତି ନୱାବ ଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଏଚସିଜି ପଣ୍ଡା କ୍ୟାନସର ହସ୍ପିଟାଲର କ୍ୟାନସର ବିଶେଷଜ୍ଞ ଡାକ୍ତର ରଞ୍ଜିତ କର ଯୋଗ ଦେଇ ବିଭିନ୍ନ କ୍ୟାନସରର ଲକ୍ଷଣ ସହ ତାହାର ନିରାକରଣ ସମ୍ପର୍କରେ ବୁଝାଇଥିଲେ। ଛୋଟ ଶିଶୁ ପାଖରୁ ଆରମ୍ଭ କରି ମହିଳା ଓ ପୁରୁଷ ତଥା ବୟସ୍କ ଲୋକଙ୍କୁ କ୍ୟାନସର ହୋଇପାରେ। କ୍ୟାନସରର ବିଭିନ୍ନ ଲକ୍ଷଣ ଦେଖାଗଲେ ଭୟଭୀତ ନ ହୋଇ ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥିଲେ। କ୍ୟାନସର ଭଲ କରାଯାଇପାରିବ। ରୋଗୀଙ୍କୁ କେମିତି ଚିକିତ୍ସା କରାଯିବ, କ୍ୟାନ୍ସର ହୋଇଥିଲେ ଭୟଭୀତ ନ ହୋଇ ସାହସର ସହ ସାମ୍ନା କରିବାକୁ ସେ କହିଥିଲେ। ବିଶେଷ କରି ବର୍ତ୍ତମାନ ସମୟରେ ମହିଳାମାନଙ୍କ କ୍ଷେତ୍ରରେ ବ୍ରେଷ୍ଟ କ୍ୟାନସର, ଓଭାରିନ କ୍ୟାନସର, ସ୍କିନ କ୍ୟାନସର, କୋଲନ ଏଣ୍ଡ ରେକ୍ଟାଲ କ୍ୟାନସର, ଲଙ୍ଗସ୍ କ୍ୟାନସର, ପୁରୁଷଙ୍କ କ୍ଷେତ୍ରରେ ଲଙ୍ଗସ୍ କ୍ୟାନସର, ଲିଭର୍ କ୍ୟାନସର, ବ୍ଲାଡର କ୍ୟାନସର, କୋଲୋରେକ୍ଟାଲ କ୍ୟାନ୍ସର ସହ ଅନ୍ୟାନ୍ୟ କ୍ୟାନସର ରୋଗର ଲକ୍ଷଣ ଓ ଚିକିତ୍ସା ସମ୍ପର୍କରେ ପରାମର୍ଶ ଦେଇଥିଲେ। କ୍ଲବର ସମ୍ପାଦକ ଙ୍ଗ ବିଭୂପଦ ଦାସ ଧନ୍ୟବାଦ ଦେଇଥିଲେ।

## ଆଜି ରାସାୟନିକ ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ଟେବୁଲ ଟପ୍ ଏକ୍ସରସାଇଜ



**ବାଲେଶ୍ୱର, ୧୦।୧(ସମିସ):** ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ଥାନୀୟ ସଦର ବ୍ଲକ ସମ୍ମିଳନୀ କକ୍ଷରେ ଶିଳ୍ପ ସମ୍ବନ୍ଧୀୟ ରାସାୟନିକ ବିପର୍ଯ୍ୟୟର ମୁକାବିଲା ପାଇଁ ଏକ ଟେବୁଲ ଟପ୍ ମକ ଏକ୍ସରାସାଇଜ ଅନୁଷ୍ଠିତ ହେଇଯାଇଛି। ବାଲେଶ୍ୱରରେ ଶିଳ୍ପ ସମ୍ବନ୍ଧୀୟ ରାସାୟନିକ ବିପର୍ଯ୍ୟୟ ମୁକାବିଲା ପାଇଁ ଗୁରୁବାର ବାଲେଶ୍ୱର ଜିଲ୍ଲାର ଇଣ୍ଡିଆନ ବଟଲିଂ ପ୍ଲାଣ୍ଟ ଏବଂ ଫାଲକନ ମେରାଇନ ଏକ୍ସପୋର୍ଟ ଲିମିଟେଡ଼ରେ ମକ୍ ଏକ୍ସରସାଇଜ କରିବା ଲାଗି ଆଲୋଚନା କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସାଇକୃଷ୍ଣ ଜେନା, ଓଏସଡିଏମଏ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜ୍ୟୋତିର୍ମୟ ବିଶ୍ୱାଳଙ୍କ ସମେତ ଜିଲ୍ଲାର ବିଭିନ୍ନ ବରିଷ୍ଠ ଅଧିକାରୀ, ଫାଲକନ ଇଣ୍ଡିଆ ବଟଲିଂ ପ୍ଲାଣ୍ଟର ଅଧିକାରୀ ଯୋଗ ଦେଇଥିଲେ। ଜାତୀୟ ଓ ରାଜ୍ୟ ବିପର୍ଯ୍ୟୟ କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଏବଂ ଜିଲ୍ଲା ବିପର୍ଯ୍ୟୟ କର୍ତ୍ତୃପକ୍ଷଙ୍କ ପରିଚାଳନାରେ ଏହି ଟେବୁଲ ଟପ୍ ଏକ୍ସରାସାଇଜ ଅନୁଷ୍ଠିତ ହେଇଥିଲା।

## ସଙ୍କୁଳସ୍ତରୀୟ ଶିଶୁ ପ୍ରତିଭା ଓ ବିଜ୍ଞାନ ମେଳା ଉଦ୍‌ଯାପିତ



**ବାଲେଶ୍ୱର/ନୀଳଗିରି, ୧୦।୧(ସମିସ):** ମେଳା ହିଁ ଶିଶୁଙ୍କ ପ୍ରତିଭାକୁ ଉଜ୍ଜୀବିତ କରିଥାଏ। ସେମାନଙ୍କ ପ୍ରତିଭା ଭିତରେ ଦେଶର ଭବିଷ୍ୟତ ଲୁଚି ରହିଛି। ସେମାନଙ୍କ ପ୍ରତିଭାକୁ ଠିକ୍ ଭାବେ ବିକଶିତ କରିବା ଆବଶ୍ୟକ। ସ୍ଥାନୀୟ ଆଦର୍ଶ ଶିକ୍ଷା କେନ୍ଦ୍ର (ରାଜବରହମପୁର)ରେ ନୀଳଗିରି ସଙ୍କୁଳସ୍ତରୀୟ ଶିଶୁ ପ୍ରତିଭା ଓ ବିଜ୍ଞାନ ମେଳାର ଉଦ୍‌ଯାପନୀ ଉତ୍ସବରେ ଏହି ମତ ପ୍ରକାଶ ପାଇଚି। ଉତ୍କଳ ଶିକ୍ଷା ପରିଷଦ, ଓଡ଼ିଶାର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ବାଣୀ ନିର୍ମାଲ୍ୟ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପ୍ରାନ୍ତ ନିରୀକ୍ଷକ ରବି ନାରାୟଣ ରାଉତ, ନୀଳଗିରି ସଙ୍କୁଳ ପ୍ରମୁଖ ନରେନ୍ଦ୍ର ରାଉତ, ବରିଷ୍ଠ କୃଷି ଅଧିକାରୀ ପାୟଲ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆୟୋଜିତ ଅନୁଷ୍ଠାନ ସଭାପତି ରବି ନାରାୟଣ ଚୌଧୁରୀ ସଙ୍କୁଳ ପତାକା ଉତ୍ତୋଳନ କରିବା ପରେ ସମସ୍ତ ପ୍ରତିଯୋଗୀ ନଗର ପରିକ୍ରମା କରିଥିଲେ। ଏହି ସଙ୍କୁଳ ବିଜ୍ଞାନ ମେଳାରେ ମୋଟ ୭୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଭିନ୍ନ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ସମୂହରୁ ୧୭୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ନୃତ୍ୟ, ଗୀତ, କୁଇଜ, ପ୍ରବନ୍ଧ, ସୁନ୍ଦର ହସ୍ତାକ୍ଷର, ଭାଷଣ, ଏକକ ଅଭିନୟ, ବିଜ୍ଞାନ କୁଇଜ୍ ଆଦି ଅନେକ ପ୍ରତିଯୋଗିତା ହୋଇଥିଲା। ଆୟୋଜିତ ସଭାରେ ଗୁରୁଜୀ ଚୈତନ୍ୟ ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସଭାପତି ରବି ନାରାୟଣ ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଆଚାର୍ଯ୍ୟା କୁଞ୍ଜଲତା ସାହୁ ମେଳାର କାର୍ଯ୍ୟକ୍ରମ ଓ ଆଭିମୁଖ୍ୟ ବିଷୟରେ କହିଥିଲେ। ଅନୁଷ୍ଠାନର ସମ୍ପାଦିକା ସୁବାସିନୀ ବେହେରା ଧନ୍ୟବାଦ ଦେଇଥିଲେ। ଶେଷରେ କୃତି ପ୍ରତିଯୋଗୀଙ୍କୁ ଓ ଚଳିତ ବର୍ଷ ଶ୍ରେଷ୍ଠ ଚାମ୍ପିଅନ ବିଦ୍ୟାଳୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର (ବଉଳଗଡ଼ିଆ)କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରସ୍ତୁତି ବୈଠକ



**ବାଲେଶ୍ୱର, ୧୦।୧(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ମୁଖ୍ୟ ପରିସରସ୍ଥ ହେରିଟେଜ୍ ହଲ୍‌ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଘୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ ନାୟକଙ୍କୁ ନୋଡାଲ ଅଧିକାରୀ ଭାବେ ଘୋଷଣା କରାଯାଇଥିଲା। ସଭାରେ ଅନ୍ୟତମ ଅତିଥି ଭାବେ ଡ. ସୁବ୍ରତ ରଣା ଓ ଇଂରାଜୀ ବିଭାଗ ମୁଖ୍ୟ ଡ. ବିଜୟ ଦେ ଯୋଗ ଦେଇଥିଲେ।

## ଗୋପବନ୍ଧୁ ଇଣ୍ଟିଗ୍ରେଟେଡ୍ ସ୍କୁଲର ବାର୍ଷିକ ଉତ୍ସବ



**ବାଲେଶ୍ୱର, ୧୦।୧(ସମିସ):** ଅରଡବଜାରସ୍ଥିତ ଗୋପବନ୍ଧୁ ଇଣ୍ଟିଗ୍ରେଟେଡ ସ୍କୁଲର ୧୮ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଚାଳନା ସମିତିର ଅଧ୍ୟକ୍ଷ ସୋମେନ୍ଦ୍ର ପାଲ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷା କନିକା ପାଲ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ, ମୁଖ୍ୟବକ୍ତା ଭାବେ କବି ପ୍ରଶାନ୍ତ ଦାସ, ସମ୍ମାନିତ ଅତିଥି ଭାବେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡକ୍ଟର ସନ୍ତୋଷ ରାଉତ ଓ ଅର୍ପିତା ପଟ୍ଟନାୟକ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ, ନିଷ୍ଠା, ତ୍ୟାଗ ସହ ପାଠ ପଢ଼ା ଜାରି ରଖିବା ସହ ଖେଳକୁଦ, ନାଚଗୀତରେ ରୁଚି ରଖି ନିଜ ପ୍ରତିଭାର ଆବିଷ୍କାର କରିବା ଓ ଭଲ ମଣିଷଟିଏ ହେବା ପାଇଁ ଅତିଥିଗଣ ପ୍ରେରଣା ଦେଇଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଦିଲ୍ଲୀସ୍ଥିତ ଇଣ୍ଡିଆନ ଆଚିଭର ଫୋରମ ତରଫରୁ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ସନ୍ତୋଷ ରାଉତ ଶ୍ରେଷ୍ଠ ଶିକ୍ଷାବିତ ସମ୍ମାନରେ ସମ୍ମାନିତ ହୋଇଛନ୍ତି।




କାଦମ୍ବିନୀ ସାହିତ୍ୟ ମହୋତ୍ସବ ଓ କାଦମ୍ବିନୀ ପତ୍ରିକା ହାଟରେ ବାଲେଶ୍ୱରର ଆୟୁଷୀ ପାତ୍ରଙ୍କୁ 'କୁନିକଥା କୁନି-ପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଉଛି।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

## ପ୍ରାକ୍ତନ ଛାତ୍ର ସଂସଦ ତରଫରୁ କମ୍ବଳ ବଣ୍ଟନ



**ବାଲେଶ୍ୱର, ୧୦।୧(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦ ପକ୍ଷରୁ ସ୍ଥାନୀୟପୋଷ୍ୟ ଗ୍ରାମ ମର୍ଦ୍ଦରାଜପୁରରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ ଦ୍ୱାରା ସମ୍ପାଦିତ ଏହି କାର୍ଯ୍ୟକ୍ରମରେ ପୂର୍ବରୁ ଚିହ୍ନଟ କରାଯାଇଥିବା ଗ୍ରାମର ୬୦ରୁ ଅଧିକ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗ୍ରାମବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ, ଡକ୍ଟର ଦେବଦତ୍ତ ଦାସ, ଡକ୍ଟର ମିନତୀ ମିଶ୍ର, ଡକ୍ଟର ଜଗନ୍ନାଥ ବେହେରା, ଭବାନୀ ଶଙ୍କର ଜେନା, ଦେବଦତ୍ତ ନାୟକ ଓ ଶତଦଳ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କୁ କୃଷିଋଣ ପ୍ରଦାନ ଦାବି

**ବାଲେଶ୍ୱର, ୧୦।୧(ସମିସ):** ଦାହୁଣଦା ସେବା ସମବାୟ ସମିତିର ତତ୍କାଳୀନ ସମ୍ପାଦକ ସୁବଗ ସାହୁ ଓ ସେଲ୍ସମ୍ୟାନ ଅନନ୍ତ ବାରିକ ଚାଷୀଙ୍କ ନାଁରେ ଅଧିକ ଋଣ କରାଇ ସେମାନଙ୍କ ଋଣ ଟଙ୍କା ନେଇ ଆତ୍ମସାତ କରିଛନ୍ତି। ଏହି ଘଟଣାରେ ସେମାନେ ବହୁବାର ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। ଏହାର ସମାଧାନ ପାଇଁ ତଦନ୍ତ ମଧ୍ୟ ସରିଛି। ସେମାନଙ୍କୁ ଟଙ୍କା ପ୍ରଦାନ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି; ହେଲେ ଏହାରି ମଧ୍ୟରେ ୮ବର୍ଷ ବିତିଯାଇଥିଲେ ସୁଦ୍ଧା ସେମାନେ ଏହି ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଣୁ ଦାହୁଣଦା ସେବା ସମବାୟ ସମିତିର ୧୮ ଶହରୁ ଅଧିକ ଚାଷୀ ସରକାରଙ୍କ ସମସ୍ତ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ସମବାୟ ସମିତିରୁ ଋଣ ମଧ୍ୟ ପାଇ ପାରୁ ନାହାନ୍ତି। ଏହା ଫଳରେ ଗ୍ରାମାଞ୍ଚଳରେ ଲୋକମାନଙ୍କଠାରୁ ଅଧିକ ଋଣରେ ଟଙ୍କା ନେଇ ଚାଷ କାର୍ଯ୍ୟ କରୁଛନ୍ତି। ଏହାଫଳରେ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଏଣୁ ଯଥା ଶିଘ୍ର ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ କରିବା ସହ ସମବାୟ ସମିତିରୁ ଋଣ ପାଇବା ପାଇଁ ସୁବନ୍ଦୋବସ୍ତ କରିବା ପାଇଁ ଚାଷୀ ରାମକୃଷ୍ଣ ଘୋଷାଲ, ମହେଶ୍ୱର ଦାସ, ହେମନ୍ତ ବଲ୍ଲଭ ଦାସ, ସିଦ୍ଧେଶ୍ୱର ଦାସ, ରାମଚନ୍ଦ୍ର ଦାସ, ସୁଧୀର ଦାସ, ହରିହର ଦାସ, ରବୀନ୍ଦ୍ର ଦାସ ପ୍ରମୁଖଙ୍କ ସହ ଶତାଧିକ ଚାଷୀ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି।

## ଛାତ୍ରୀଛାତ୍ରୀଙ୍କ କୃତିତ୍ୱ

**ବାଲେଶ୍ୱର, ୧୦।୧(ସମିସ):** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ରୌପ୍ୟ ଜୟନ୍ତୀ ସମାରୋହରେ ଚଳଚ୍ଚିତ୍ର ବିଭାଗ ପ୍ରତିଯୋଗିତାରେ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ବାଦଲ ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ସେହିଭଳି ଇଂରାଜୀ ବିତର୍କ ପ୍ରତିଯୋଗିତାରେ ସୁକନ୍ୟା ମହାପାତ୍ର ପ୍ରଥମ ଏବଂ ଦେବଯାନୀ ରଥ ଏକକ ଅଭିନୟରେ ତୃତୀୟ ସ୍ଥାନ ଅଧିକାର ପୁରସ୍କୃତ ହୋଇଛନ୍ତି।

### ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ସମ୍ପର୍କରେ ଜିଲ୍ଲାସ୍ତରୀୟ କର୍ମଶାଳା

# ପଞ୍ଚାୟତରେ ଅଧିକ ଟ୍ରୁପ୍ ପଞ୍ଜୀକରଣକୁ ଗୁରୁତ୍ୱ

**ବାଲେଶ୍ୱର, ୧୦।୧(ସମିସ):**




ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ସମ୍ପର୍କରେ ଏକଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ବିଭିନ୍ନ ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଏବଂ ସ୍ଥାନୀୟ, ପାରମ୍ପରିକ ଲୋକକଳାକାରଙ୍କ ଜୀବନ ଜୀବିକାରେ ସହାୟତା ପାଇଁ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରଙ୍କୁ ରାଜ୍ୟ ସରକାରଙ୍କ ପ୍ରଗତିମୂଳକ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାରରେ କିଭଳି ଲୋକକଳାର ବିଶେଷ ଭୂମିକା ରହିଛି ତାହା ଉପରେ ନିଜ ବକ୍ତବ୍ୟ ରଖିଥିଲେ। ଏହାସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ କଳାକାରଙ୍କୁ ନିଜସ୍ୱ କଳାର ପ୍ରଦର୍ଶନ କରିବା ପାଇଁ ଏହା ଏକ ଭଲ ସୁଯୋଗ ବୋଲି କହିଥିଲେ; ହେଲେ ଜିଲ୍ଲାରେ ବହୁ କମ୍ ସଂଖ୍ୟାରେ ଗ୍ରାମାଞ୍ଚଳଗୁଡ଼ିକରେ ଏହା ପଞ୍ଜିକରଣ ହୋଇଛି। ଏହାର ଅଧିକ ପ୍ରସାର କରାଯିବାର ଆବଶ୍ୟକତା ରହିଛି। ବାଲେଶ୍ୱର ହେଉଛି କଳା ସଂସ୍କୃତିର ଜିଲ୍ଲା। ବିଶେଷ କରି ଗ୍ରାମାଞ୍ଚଳରେ ଅତିକମରେ ୩ରୁ ଅଧିକ ଟ୍ରୁପ୍ ପଞ୍ଜିକରଣ ହେବାର ଆବଶ୍ୟକତା ରହିଛି; ହେଲେ ବର୍ତ୍ତମାନ ସୁଦ୍ଧା ତାହା ହୋଇ ନାହିଁ। ଏଥିରେ କିପରି ଭାବେ ସେମାନଙ୍କୁ ଯୋଗ କରାଯାଇ ପାରିବ ସେ ନେଇ ମତ ରଖିଥିଲେ। ଏହି ଅବସରରେ ରାଜ୍ୟ ସଂସାଧନ ବିଶେଷଜ୍ଞ ରଶ୍ମି ରଞ୍ଜନ ନାୟକ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମରେ ଲୋକନୃତ୍ୟର ପ୍ରୟୋଗ ଉପରେ ଉପସ୍ଥିତ କଳାକାରମାନଙ୍କ ସାମ୍ନାରେ ବିସ୍ତୃତ ବିବରଣୀ ରଖଥିଲେ। ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ଚକ୍ରଧର ମହାପାତ୍ର କଳାକାରଙ୍କୁ ପ୍ରୋତ୍ସାହିତ କରିଥିଲେ। ଏହାସହ ଏହି କର୍ମଶାଳାକୁ ଜିଲ୍ଲାସ୍ତରରେ ସଫଳ କରିବା ଉପରେ ନିଜର ଅଭିଭାଷଣ କହିଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଆମ ହସ୍ପିଟାଲ, ମମତା, ହରିଶ୍ଚନ୍ଦ୍ର ଯୋଜନା, ମଧୁବାବୁ ପେନସନ ଯୋଜନା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ୫-ଟି ହାଇସ୍କୁଲ ରୂପାନ୍ତରୀକରଣ, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିହାତି, କ୍ରୀଡା, ଆମ ଓଡ଼ିଶା ନବୀନ ଓଡ଼ିଶା ଉପରେ ଆଲୋଚନା ହୋଇଥିଲା। ଆମ ବ୍ୟାଙ୍କ ଯୋଜନା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ, ଐତିହ୍ୟସ୍ଥଳୀ ନବୀକରଣ ଯୋଜନା ଏବଂ ଲକ୍ଷ୍ମୀ ବସ୍ ସେବା ଯୋଜନା ସମ୍ବନ୍ଧରେ ଗୟାନିଧି ମିଶ୍ର, ନୀଳଗିରି ଆଇଟିଡିଏର ଏଡିଡବ୍ଲୁଓ ତଲୱାର ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଏବଂ ଓଏସଆରଟିସିର ଜିଲ୍ଲା ପରିଚାଳକ ଏଲ ତିରୁଥି ଆଚାର୍ଯ୍ୟ ବିବରଣୀ ଉପସ୍ଥାପନ କରିଥିଲେ। ଆମ ବ୍ୟାଙ୍କ ଯୋଜନାରେ ଓଡ଼ିଶାର ୬୭୯୮ଟି ପଞ୍ଚାୟତ ମଧ୍ୟରୁ ୪୩୭୩ ପଞ୍ଚାୟତରେ ଏହି ବ୍ୟାଙ୍କ ଖୋଲାଯାଇଛି। ବାଲେଶ୍ୱର ଜିଲ୍ଲାର ୨୭୧ଟି ପଞ୍ଚାୟତରୁ ୨୧ଟି ଖୋଲାଯାଇଛି ବୋଲି ଆଲୋଚନା ହୋଇଥିଲା। ପରେ ରାଜ୍ୟ ସଂସାଧନ ବିଶେଷଜ୍ଞ ରଶ୍ମି ରଞ୍ଜନ ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଭୂୟାଁ ଏବଂ ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ରାଉତ ପ୍ରୋଗ୍ରାମ କ୍ୟାଲେଣ୍ଡର ପ୍ରସ୍ତୁତି ଏବଂ ଗ୍ରାମରେ କାର୍ଯ୍ୟକ୍ରମ ପରିବେଷଣର ଉପାୟ ଓ ଶୈଳୀ ନିର୍ଣ୍ଣୟର ସଫଳ ରୂପରେଖ ଓ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। ଏହି ଏକଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା ପରେ ଦୁଇଦିନିଆ ବ୍ଲକସ୍ତରୀୟ କର୍ମଶାଳା ଚଳିତ ମାସ ୧୮ ତାରିଖ ସୁଦ୍ଧା ସମାପ୍ତ କରାଯିବ। ଚଳିତ ମାସ ୨୦ରୁ ଫେବୃଆରୀ୨୦ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ କଲ୍ୟାଣକାରୀ ଯୋଜନା ଗୁଡ଼ିକର ତୃଣମୂଳସ୍ତରରେ ପ୍ରସାର କରାଯିବ ବୋଲି ଆଲୋଚନା ହୋଇଥିଲା। ଏହି କର୍ମଶାଳାରେ ବିଭାଗୀୟ ଅôକାରୀଙ୍କ ସମେତ ବିଭିନ୍ନ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଏବଂ ନୋଡାଲ ଅଫିସର ତଥା ସମସ୍ତ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଏବଂ ବରିଷ୍ଠ କଳାକାର ଯୋଗ ଦେଇଥିଲେ।

## ୧୩ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**ବାଲେଶ୍ୱର, ୧୦।୧(ସମିସ):**ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୧୩ତାରିଖ ସକାଳ ୯ଟାରୁ ଦିନ ୨ଟା ପର୍ଯ୍ୟନ୍ତ ସ୍ଥାନୀୟ ରିଜର୍ଭ ପୁଲିସ ଲାଇନ ପଡ଼ିଆ।ରେ ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏହି ନିଯୁକ୍ତି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ବେସରକାରୀ, ଘରୋଇ ଅନୁଷ୍ଠାନ, ଶିଳ୍ପାନୁଷ୍ଠାନ, ନିଯୁକ୍ତିଦାତା ଯୋଗ ଦେଇ ପ୍ରାର୍ଥୀପ୍ରାର୍ôଥନୀଙ୍କୁ ଚୟନ କରି ସିଧା ସଳଖ ନିଯୁକ୍ତି ପ୍ରଦାନ କରିବେ ବୋଲି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ରଞ୍ଜନ କୁମାର ମିଶ୍ର ସୂଚନା ଦେଇଛନ୍ତି। ସରକାରଙ୍କ ସ୍ୱୀକୃତିପ୍ରାପ୍ତ ତାଲିମ ପ୍ରଦାନକାରୀ ସଂସ୍ଥା ମଧ୍ୟ ଯୋଗଦେଇ ଦେୟମୁକ୍ତ ତାଲିମ ପାଇଁ ଚୟନ କରି ତାଲିମ ପରେ ନିଯୁକ୍ତି ପ୍ରଦାନ କରିବେ ବୋଲି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ୧୮ରୁ ୩୫ବର୍ଷ ମଧ୍ୟରେ ଥିବା ୫ମ ପାସ୍‌ଠାରୁ ଅଧିକ, ମେଟ୍ରିକ, ଯୁକ୍ତ ଦୁଇ, ସ୍ନାତକ, ଆଇଟିଆଇ, ଡିପ୍ଲୋମା ପାସ୍ କରିଥିବା ପ୍ରାର୍ଥୀପ୍ରାର୍ଥିନୀମାନେ ନିଯୁକ୍ତି ମେଳାରେ ଭାଗନେଇ ପାରିବେ। ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ପାସପୋର୍ଟ ଫଟୋ, ଆଧାର କାର୍ଡ, ଜାତିଗତ ପ୍ରମାଣ ପତ୍ର ସହ ବାଲେଶ୍ୱର ଜିଲ୍ଲାର ଇଚ୍ଛୁକ ପ୍ରାର୍ଥୀପ୍ରାର୍ôଥନୀ ଯୋଗଦେଇ ନିଯୁକ୍ତି ମେଳାରେ ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ୧୩ରେ ଏକ୍ସପୋ ଓଡ଼ିଶା ପାଇଁ ଅଡିସନ

**ବାଲେଶ୍ୱର, ୧୦।୧(ସମିସ):** ଜାତୀୟ ସ୍ତରୀୟ ଶିଳ୍ପ ଓ ବାଣିଜ୍ୟ ମେଳା ଏକ୍ସପୋ ଓଡ଼ିଶା-୨୦୨୪ ଜାନୁଆରୀ ୩୦ରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ୬ ଦିନ ବ୍ୟାପି ଆୟୋଜିତ ହେବ। ଏଥିରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ୧୩ ଓ ୧୪ରେ ସ୍ଥାନୀୟ ଶିଳ୍ପାଞ୍ଚଳସ୍ଥିତ ଉଦ୍ୟୋଗ ଭବନଠାରେ ଅଡିସନ ଅନୁଷ୍ଠିତ ହେବ। ଏହି ଏଡିସନ କାର୍ଯ୍ୟକ୍ରମ ୧୩ ତାରିଖ ସକାଳ ୧୦ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଚାଲିବ। ସେହିଭଳି ୧୪ ତାରିଖ ଦିନ ସକାଳ ୭ ଘଟିକାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ଚାଲିବ। ଏଥିରେ ଭାଗ ନେବା ପାଇଁ ଇଚ୍ଛୁକ ପ୍ରାର୍ଥୀ ଉଦ୍ୟୋଗ ଭବନକୁ ଆସି ନିଜ ନାମ ପଞ୍ଜୀକରଣ କରି ପାରିବେ; ମାତ୍ର ମୋବାଇଲ ଦ୍ୱାରା ପଞ୍ଜୀକରଣ କରାଯିବ ନାହିଁ। ନାଚ ପିଲାମାନେ ନିଜ ସହ ପେନ୍‌ଡ୍ରାଇଭ ଓ ମୋବାଇଲରେ ଗୀତ ନେଇ ଆସିବା ସହିତ ପାରମ୍ପାରିକ କଷ୍ଟ୍ୟୁମ ପରିଧାନ କରି ଅଡିସନକୁ ଆସିବାକୁ ସୂଚନା ଦିଆଯାଇଛି।




## ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ରଥରେ ଅକ୍ଷତ ସଂଗ୍ରହ

# 'ଜୟ ଜଗନ୍ନାଥ' ଧ୍ୱନିରେ କମ୍ପିଲା ଗାଁଠୁ ସହର

ଆନନ୍ଦପୁର,୧୦।୧(ସମିସ)

ବିଶ୍ୱ ନିୟନ୍ତା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ଉତ୍ସବ ପାଇଁ ଆନନ୍ଦପୁରରେ ଅକ୍ଷତ ସଂଗ୍ରହ ରଥ ଆଜି ୬ନଂ ଓ୍ୱାର୍ଡର ବିଭିନ୍ନ ସାହି ବସ୍ତିରେ ପରିକ୍ରମା କରିଥିବା ଜଣାଯାଇଛି। ଆନନ୍ଦପୁର ପୌରାଞ୍ଚଳର ୬ନଂ ଓ୍ୱାର୍ଡରେ ଅକ୍ଷତ ସଂଗ୍ରହ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ପୌରନିର୍ବାହୀ ଅଧିକାରୀ ଦେବବ୍ରତ ବଳଙ୍କ ସଂଯୋଜନାରେ ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଉପାଧ୍ୟକ୍ଷ ଦୂର୍ଗାଚରଣ ଦଳେଇ, କାଉନ୍‌ସିଲର ମଣିଲତା ରାମ ଯୁବ ବିଜେଡି ସଭାପତି ରାକେଶ ରାମ, ସାଧାରଣ ସମ୍ପାଦକ ସତ୍ୟବ୍ରତ ରାମ, ମନୋଜ



ପାତ୍ର, ସପନ ବେହେରା ପ୍ରମୁଖ ଯୋଗ ଦେଇ ଥିଲେ। ଦଧିବାମନଜିଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ବଡ଼ଦାଣ୍ଡରୁ ଏହି ରଥ ବାହାରି ୬ନଂ ଓ୍ୱାର୍ଡର ବିଭିନ୍ନ ସାହିରେ ପରିଭ୍ରମଣ କରିଥିଲା। ଏହି ରଥର ପରିକ୍ରମାରେ ରାଜପୁତ ସାହି ସଂକୀର୍ତ୍ତନ ଦଳର ଗୌର ଭକ୍ତମାନେ ମୃଦଙ୍ଗ, ଘଣ୍ଟ, ଖୋଳ ଓ କରତାଳ ସହିତ ଜୟଜଗନ୍ନାଥ ଧ୍ୱନିରେ ଅଞ୍ଚଳକୁ ପ୍ରକମ୍ପିତ କରିଥିଲେ। ରଥ ପରିକ୍ରମା ଶୋଭାଯାତ୍ରାରେ ଶହ ଶହ ମହିଳା ପରିଭ୍ରମଣ କରୁଥିବା ବେଳେ ବିଭିନ୍ନ ସାହି ବସ୍ତିରେ ମହିଳାମାନେ ନିଜ ନିଜ ଘର ଆଗରେ ଏହି ରଥକୁ ପୂଜାର୍ଚ୍ଚନା କରିଥିଲେ। କାର୍ଯ୍ୟକ୍ରମରେ ୬ନଂ ଓ୍ୱାର୍ଡର ଯୁବଗୋଷ୍ଠୀଙ୍କ ପକ୍ଷରୁ ସଞ୍ଜୟ ସିଂ, ମନୋଜ ସିଂ, ଶୀରପାଣି ସିଂ, ଶୁକ୍ଲାମ୍ବର ସିଂ, ବଟରାମ ପ୍ରମୁଖ ପରିଚାଳନା କରିଥିଲେ।

## ପରିକ୍ରମା ରଥକୁ ସ୍ୱାଗତ



**ଘଷିପୁରା:** ଘଷିପୁରା ବ୍ଲକ୍ ଅଳତି ପଞ୍ଚାୟତର ସରପଞ୍ଚ ଇଞ୍ଜିନିୟର ପ୍ରିୟବ୍ରତ ବରାଳଙ୍କ ସଂଯୋଜନାରେ ଉପସ୍ଥିତ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଅର୍ପଣ ରଥକୁ ମିଶନଶକ୍ତି ମହିଳା ଏବଂ ସ୍ଥାନୀୟ ପଞ୍ଚାୟତ ବାସୀ ସ୍ୱାଗତ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀ ଗାଁକୁ ଗାଁ ବୁଲି ସଙ୍କଳ୍ପ ଗୁଆ ଅରୁଆ ଚାଉଳ ସଂଗ୍ରହ କରିଛନ୍ତି। ପତ୍ୟେକ ଘର ଦୁଆର ମୁହଁରେ ମା'ମାନେ ଝୋଟିଚିତା ଏବଂ ମୁରୁଜରେ ସୁନ୍ଦର ରଙ୍ଗୋଲି ଆଙ୍କିବା ସହ କଳସସ୍ଥାପନ କରି ରଥକୁ ସ୍ୱାଗତ କରିଥିଲେ। ପୂଜାର୍ଚ୍ଚନା ପରେ ଗୁଆ ଅରୁଆ ଚାଉଳ ଏବଂ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଶ୍ରୀଫଳ ଅର୍ପଣ କରିଛନ୍ତି। ଦୁଇଦିନ ଧରି ପଞ୍ଚାୟତ ଅଧିନ ଯେନାପଦା,ହରିପୁର,ପଦନପୁର, ରାଇଡୋଳା, ଜନାର୍ଦ୍ଦନପୁର ପାଟଣା, ବେଲସୁନ୍ଦରୀ ପରିକ୍ରମା ପରେ ଅଳତି ହରଚଣ୍ଡୀ ମନ୍ଦିରରେ ସମାପନ ହୋଇଥିଲା। ରଥ ପରିକ୍ରମା ସମୟରେ ଅଳତି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ନାଏକ, ଗ୍ରାମ ରୋଜଗାର ସେବକ ପ୍ରିୟବ୍ରତ ମହାରଣା, ଖୁଲଣା ସେଠୀ, ପଞ୍ଚାୟତ ମିଶନ ଶକ୍ତିର ଏମ୍‌ବିକେ, ସିଆର୍‌ପି ସଦସ୍ୟାମାନେ ଉପସ୍ଥିତ ଥିଲେ।

## ଗାଁଗାଁରେ ବୁଲିଲା ଅର୍ପଣ ରଥ

**ତୁରୁମୁଙ୍ଗା:** ପାଟଣା ନିର୍ବାଚନ ମଣ୍ଡଳୀର ଝୁମ୍ପୁରା ବ୍ଲକ୍ ବାରିଆ ପଞ୍ଚାୟତରେ ଅର୍ପଣ ରଥ ବୁଲିବା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।ଠାକୁରଙ୍କ ଶରଣରେ ନିଜକୁ ହଜେଇ ଦେଉଥିଲେ ଲୋକେ । ଗାଁ ଦାଣ୍ଡରେ ରଥକୁ ଦେଖି ବୃଦ୍ଧାମାନେ ଭାବ ବିହ୍ୱଳ ହୋଇ ପଡିଥିଲେ। ଗାଁ ଦାଣ୍ଡରେ ଠାକୁରଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ କରି ନିଜର ଦୁଃଖ ଜଣାଇଛନ୍ତି। ଅର୍ପଣ ରଥରେ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇଥିଲେ। ଗାଁରେ ଅର୍ପଣ ରଥ ବୁଲୁଥିବାରୁ ଏବେ ଗାଁରେ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ଚନ୍ଦନ ବାସ୍ନାରେ ଜଗନ୍ନାଥ ମୟ ହୋଇ ଉଠିଛି ଗାଁ ଠୁ ସହର।



## ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଶ୍ରେୟାଙ୍କ ସଫଳତା



**ହାଟଡ଼ିହି,୧୦।୧(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ସୁନ୍ଦରପାଳ ଆଦର୍ଶ ବିଦ୍ୟାଳୟ ଅଷ୍ଟମଶ୍ରେଣୀର ଛାତ୍ରୀ ଶ୍ରେୟା ସ୍ୱୟଂସିନୀ ବେହେରା ପୁନେଠାରେ ହୋଇଥିବା ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ଗଣିତ ବିଭାଗର ଓଡ଼ିଶାରୁ ଏକ ମାତ୍ର ପ୍ରକଳ୍ପ ପ୍ରଦର୍ଶିତ କରି ଉଚ୍ଚ ପ୍ରଶଂଶିତ ହୋଇଛନ୍ତି। ଏନ୍‌ସିଇଆର୍‌ଟି ନୂଆଦିଲ୍ଲୀରେ ପ୍ରଫେସର ଡିପି ସାକଲାନୀଙ୍କ ଠାରୁ ଟ୍ରଫି ଓ ପ୍ରମାଣପତ୍ର ଗ୍ରାହଣ କରିଛନ୍ତି। ତାଙ୍କର ଏଭଳି ସଫଳତାରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର କର୍ତ୍ତୃପକ୍ଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅଲେଖ ପ୍ରଚାରକଙ୍କ ପରଲୋକ



**ଆନନ୍ଦପୁର, ୧୦।୧(ସମିସ):** ଷସିପୁରା ବ୍ଲକ୍ ବଳରାମପୁର ପଞ୍ଚାୟତର ସରେଇଁ ଗ୍ରାମର ଅଲେଖ ପ୍ରଚାରକ ମଙ୍ଗୁଲୁ ଚରଣ ସାହୁ(୮୦) ଙ୍କର ପରଲୋକ ହୋଇଯାଇଛି। ସେ ନିତ୍ୟକର୍ମ ସାରିବା ପରେ ହଠାତ୍ ଅସୁସ୍ଥ ହୋଇପଡ଼ି ଥିଲେ। ଚିକିତ୍ସା ପାଇଁ ତାଙ୍କୁ ଆନନ୍ଦପୁର ଡାକ୍ତରଖାନା ଅଣାଯାଇଥିବା ବେଳେ ସେଠାରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସରେଇଁ ସମେତ ଏହାର ଆଖପାଖ ଅଞ୍ଚଳରେ ଦୁଃଖ ପ୍ରକାଶ ପାଇଛି। ଖବରପାଇ ଘଷିପୁରା ବ୍ଲକ୍ ଉପାଧ୍ୟକ୍ଷ ପଞ୍ଚାନନ ବେହେରା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସରେଇଁସ୍ଥିତ ବାସଭବନରେ ପହଞ୍ଚି ଶ୍ରଦ୍ଧାଳି ଅର୍ପଣକରିଥିଲେ।

## ଏଆଇଟିୟୁସି ପକ୍ଷରୁ ଜିଲିଂ ଅଫିସରେ ଶ୍ରମିକ ସମାବେଶ



**ଯୋଡ଼ା,୧୦।୧(ସମିସ):** ବୁଧବାର ବିଭିନ୍ନ ଶ୍ରମିକ ସମସ୍ୟା ନେଇ କେନ୍ଦୁଝର ମାଇନ୍ସ ଆଣ୍ଡ ଫରେଷ୍ଟ ଓ୍ୱାର୍କରସ ୟୁନିୟନ (ଏଆଇଟିୟୁସି) ତରଫରୁ ଜିଲିଂ ୟୁନିୟନ କାର୍ଯ୍ୟାଳୟ ପରିସରରେ ଏକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଛି। ଖଣି ନିଗମର ଜିଲିଂ ଖଣି ଓ ଖଣ୍ଡବନ୍ଧ ଖଣି, ଜେଏସ୍‌ଡବ୍ଲୁର ଜଜାଙ୍ଗ ଖଣି, ତଥା ଅନ୍ୟାନ୍ୟ ସଂସ୍ଥାର ୨ ଶହରୁ ଅଧିକ ଶ୍ରମିକ ଯୋଗ ଦେଇଥିଲେ। ଚାଲୁଥିବା ନିଗମର ଖଣି ଓ ଜେଏସ୍‌ଡବ୍ଲ୍ୟୁ ଖଣିରେ ସ୍ଥାନୀୟଲୋକଙ୍କୁ ନିଯୁକ୍ତି, ଠିକ୍ ସମୟରେ ଦରମା ପ୍ରଦାନ କରିବା, ଦୀର୍ଘ ଦିନ ଧରି ମିଳି ଆସୁଥିବା ବାର୍ଷିକ ୧୮ ଦିନର ମେଡିକାଲ ଛୁଟି ଓ ୧୦ ଦିନର କାଜୁଆଲ ଛୁଟି ପ୍ରଦାନ କରିବା, କର୍ମ ଅନୁସାରେ ଗ୍ରେଡ୍ ପ୍ରଦାନ କରିବା, ଅଧିକ ବୋନସ୍ ଦେବା ଆଦି ବିଭିନ୍ନ ଦାବି ନେଇ ଏହି ସମାବେଶ ଅନୁଷ୍ଠତ ହୋଇଥିଲା। ଶ୍ରମିକ ସଂଘର କାହ୍ନୁ ଚରଣ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶ ୟୁନିୟନର ସାଧାରଣ ସମ୍ପାଦକ ମହେଶ୍ୱର ରାଉତ, ଏଆଇଟିୟୁସିର ରାଜ୍ୟ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ନିର୍ମାଣ ଶ୍ରମିକ ନେତା ହରି ବାହିନିପତି ନିଜ ନିଜ ବକ୍ତବ୍ୟରେ କେନ୍ଦ୍ରର ସରକାରଙ୍କ ଶ୍ରମିକ ମାରଣ ନୀତି ସମ୍ପର୍କରେ ସମାଲୋଚନା କରିଥିଲେ। ୟୁନିୟନର ଉପସାଧାରଣ ସମ୍ପାଦକ କପିଳ ମହାନ୍ତି, ରାଜାରାମ ମୁଣ୍ଡା, ଶ୍ରୀହରି ଘଣା, ବଦ୍ରୁ ଜାମା ଓ ଅନ୍ୟମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ୧୫ ଦି ମଧରେ କମ୍ପାନୀ ସମସ୍ୟାର ସମାଧାନ ନ କଲେ ୟୁନିୟନ ତରଫରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ମା'ତାରିଣୀ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ

**ଆନନ୍ଦପୁର,୧୦।୧(ସମିସ):** ଆନନ୍ଦପୁର ବ୍ଲକ୍ ବାଇଲୋ ପଞ୍ଚାୟତର ଖଡ଼ବିଲ ଗ୍ରାମରେ ୧୩ ମା' ତାରିଣୀ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଆୟୋଜକ କମିଟିର ସଭାପତି ସୁରେଶ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ସାମ୍ବାଦିକ ଶତ୍ରୁଘ୍ନ ସାହୁ, ଆନନ୍ଦପୁର ଧନେଇ ପରିଚାଳନା କମିଟି ସଭାପତି ବିଜୟ କୁମାର ମିଶ୍ର, ବରିଷ୍ଠ ରାଜନେତା ପୂର୍ଣ୍ଣଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚରେ ନନ୍ଦୁଆଁର ଅଲେଖ ମହିମା କ୍ରିକେଟ କ୍ଲବ ସହିତ ବଳରାମପୁର କ୍ରିକେଟ କ୍ଲବ୍ ମଧରେ ଅନୁଷ୍ଠିତ ହୋଇଥିଲା। ବଳରାମପୁର କ୍ଲବ ପ୍ରଥମେ ବ୍ୟାଟିଂ କରି ୬୭ ରନ୍ ସଂଗ୍ରହ କରିଥିଲା। ଅଲେଖ ମହିମା ୬୮ ରନ୍ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଏମ୍‌ସିସି ପଦ୍ମପୁର ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୭ ଉିକେଟ ହରାଇ ୪୯ ରନ୍ କରିଥିବା ବେଳେ ଭଦ୍ରକର ବାବା-୧୧ ୬ ଓଭରରେ ୫ ୱିକେଟ ହରାଇ ୫୦ରନ୍ କରି ବିଜୟୀ ହୋଇଥିଲା। ପରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଅଲେଖ ମହିମା ନନ୍ଦୁଆଁ ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୨ ଉିକେଟ ହରାଇ ୮୫ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ ବାବା-୧୧ ଭଦ୍ରକ ୬ ଓଭରରେ ୭୨ ରନ୍ କରି ପରାଜିତ ହୋଇଥିଲା। ଆଜିର ମ୍ୟାଚରେ ନନ୍ଦୁଆଁ କ୍ଲବ ସେମିଫାଇନାଲକୁ ପ୍ରବେଶ କରିଛି। ଅମ୍ପାୟାର ଭାବେ ସୂର୍ଯ୍ୟମଣୀ ଜେନା, ଚିନ୍ମୟ କୁମାର ଜେନା, ବିଚିତ୍ର ପେରେଇ ଓ ସ୍କୋରର ଭାବେ ପାପୀ ଚରଣ ଜେନା, ରାଜେଶ ପେରେଇ ଓ ଧାରା ବିବରଣୀରେ ସୁରେଶ ଜେନା ସହଯୋଗ କରିଥିଲେ। ଖେଳକୁ କ୍ଲବ୍ ସଦସ୍ୟ ପ୍ରଶାନ୍ତ କୁମାର ଜେନା, ମକରନ୍ଦ ଜେନା, ଲିଟୁନୁ ଜେନା, ଆଲୋକ ଜେନା, ସୌମ୍ୟରଞ୍ଜନ ଜେନା, ସୁନୀଲ ଦଳେଇ, ରାଜକିଶୋର ଜେନା, ଚନ୍ଦନ ଜେନା, ବାସୁଦେବ ଜେନା, ରିଙ୍କୁ ଜେନା, ସୁଶୀଲ ଜେନା, ଜଗନ ଜେନା, ଚିରଞ୍ଜିବୀ ଜେନା, ସୁବ୍ରତ ଜେନା, ସନ୍ତୋଷ ପେରେଇ, ଫୁକୁନୁ ଜେନା, ସଞ୍ଜୟ କୁମାର ଜେନା, ଶକ୍ତିରଞ୍ଜନ ପେରେଇ, ଅରବିନ୍ଦ ଜେନା, ଦେବବ୍ରତ ପେରେଇ, ବିଶ୍ୱଜିତ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଏକ ଦିବସୀୟ ପ୍ରଶିକ୍ଷଣ ଶିବିର

# ଲୋକକଳା ହିଁ ଜନସଚେତନତାର ପ୍ରକୃଷ୍ଟ ମାଧ୍ୟମ



କେନ୍ଦୁଝର,୧୦।୧(ସମିସ): ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଲୋକକଳା ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅନୁମୋଦନ କ୍ରମେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ସଂସାଧନ ସଭ୍ୟଙ୍କର ଏକ ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଉଦ୍‌ବୋଧନ ଦେଇ ଶ୍ରୀ ମହଲା କହିଥିଲେ ଯେ ଲୋକକଳା ହିଁ ଜନସଚେତନତାର ପ୍ରକୃଷ୍ଟ ମାଧ୍ୟମ । କେନ୍ଦୁଝର ଜିଲ୍ଲା ତଥା ଓଡ଼ିଶା ରାଜ୍ୟରେ ସମୃଦ୍ଧ ଲୋକକଳା ପରମ୍ପରା ରହିଛି ଏବଂ ଏହା କଳା ସଂସ୍କୃତି ଓ ଐତିହ୍ୟର ଗନ୍ତାଘର। କଳା ଓ ସଂସ୍କୃତି ଗୋଟିଏ ଜାତିର ଆଧାର ଓ ପରିଚୟ ତଥା ପ୍ରଗତିର ପରିଚାୟକ। ବିଭିନ୍ନ ଲୋକକଳାର କଳାକାର ମାନଙ୍କୁ ସାମିଲ କରି ଜିଲ୍ଲା କଳା ସଂସ୍କୃତି ସଂଘ ଓ ବ୍ଲକ କଳା ସଂସ୍କୃତି ସଂଘ ଗଠନ କରାଯାଇଛି। ଉକ୍ତ କଳାକାରଙ୍କ ଜରିଆରେ ୨୩ ତାରିଖରୁ ଫେବୃଆରୀ ୨୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ଅଭିଯାନ ଚାଲୁ ରହିବ। ଜିଲ୍ଲାରେ ଉକ୍ତ ସଚେତନତା ଅଭିଯାନର ସଫଳତା ପାଇଁ ଶ୍ରୀ ମହଲା ପ୍ରଶିକ୍ଷକ ପ୍ରଶିକ୍ଷାର୍ଥୀ ତଥା କଳାକାର ମାନଙ୍କର ସହଯୋଗ କାମନା କରିଥିଲେ। ସଞ୍ଜୀବ ବାରିକ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରିବା ସହ ତାଲିମ ଶିବିର ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟସ୍ତରର ରିସୋର୍ସପର୍ସନ୍ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ବିଶିଷ୍ଟ ପାଲାଗାୟକ ଡ. ଧିରେନ କୁମାର ମହାନ୍ତି ଏବଂ ଜିଲ୍ଲା କଳା ସଂସ୍କୃତି ସଙ୍ଘର ଉପସଭାପତି ଲୋକନାଥ ସାହୁ ସଂସାଧନ ସଭ୍ୟଙ୍କୁ ଲୋକକଳା ମାଧ୍ୟମରେ ପ୍ରଚାର ହେବାକୁ ଥିବା ସରକାରୀ ଯୋଜନା ସମ୍ବନ୍ଧରେ ଅବଗତ କରାଇବା ସହ ତାଲିମ ପ୍ରଦାନ କରିଥିଲେ।

## ● 'ରହସ୍ୟ ରାମାୟଣ' ପାଇଁ ଚର୍ଚ୍ଚାରେ କୈଳାସ

# ନବମ ଶ୍ରେଣୀରୁ ଆରମ୍ଭ କରିଥିଲେ ନାଟକ ରଚନା

**ଆନନ୍ଦପୁର,୧୦।୧(ସମିସ):** ପାଠପଢି ଜୀବନରେ ଅନେକ କିଛି କରିବାର ସ୍ୱପ୍ନ ଦେଖିବା ପରିବର୍ତ୍ତେ ସାହିତ୍ୟକୁ ଜୀବନସାଥୀ କରିଥିବାଜଣେ ନିଆରା ମଣିଷ ଆଜିର ସମାଜରେ ଆଗାମୀ ଯୁବପିଢିଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ତାଙ୍କ ରଚିତ ରହସ୍ୟ ରାମାୟଣ ବେଶ୍ ଭାବୋଦୀପକ ହୋଇଥିବାରୁ ଖୁବଶୀଘ୍ର ପ୍ରକାଶ ପାଇବ ବୋଲି ସୂଚନା ଦେଇଛନ୍ତି। ଦୀର୍ଘଦିନ ଧରି ସାଧନା ଚଳାଇଥିବା ଲେଖକ କୈଳାସଙ୍କୁ ସରକାରୀ ସହାୟତା ମିଳିଲେ ପ୍ରକାଶ ଅପେକ୍ଷାରେ ଥିବା ଅନେକ ତଥ୍ୟଭିତ୍ତିକ ଓ ଶିକ୍ଷଣୀୟ ପୁସ୍ତକ ପ୍ରକାଶ ପାଇପାରନ୍ତା ବୋଲି ସେ ଆଶାବାଦୀ। ଛାତ୍ର ଜୀବନରୁ ସାହିତ୍ୟ ପ୍ରତି ଅନୁରାଗ ରଖି ସାଧନା ଚଳାଇଥିବା ସାରସ୍ୱତ ସାଧକ କୈଳାସ ଚନ୍ଦ୍ର ସାହୁ ଆଜି ଜଣେ ଚର୍ଚ୍ଚିତ ଲେଖକର ପରିଚୟ ପାଇଛନ୍ତି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳର ଶୈଳଙ୍ଗ ଗ୍ରାମରେ ୧୯୫୫ ମସିହାରେ ଜନ୍ମ ଗ୍ରହଣ କରି ନବମ ଶ୍ରେଣୀରୁ ନାଟକ ଲେଖିବା ଆରମ୍ଭ କରିଥିଲେ। ସାହିତ୍ୟରେ ମନବଳାଇ ପାଠପଢ଼ାରେ ଡୋରିବାନ୍ଧି ସାହିତ୍ୟ ନିଶାରେ ମଶଗୁଲ ହୋଇଥିବା ଏହି କିଶୋର କୈଳାସଙ୍କର ଦିନ ସାହିତ୍ୟ ସାଧନାରେ ବିତିଛି। ୧୯୭୫ ମସିହାରେ ଝାଡ଼େଶ୍ୱର ହାଇସ୍କୁଲର ବାର୍ଷିକ ଉତ୍ସବରେ ତାଙ୍କ ରଚିତ ନାଟକ ଡାକୁ ସର୍ଦ୍ଦାର ଓ ଘଷିପୁରା ଜୟଦୂର୍ଗା ସାଂସ୍କୃତିକ ପରିଷଦରେ ନାଟକ ଲକ୍ଷେ ଚମ୍ପା ଅଭିନୀତ ହୋଇ ପ୍ରଶଂସା ସାଉଁଟିବା ପରେ ପଛକୁ ନଫେରି କୈଳାସ ସାଧନା ଜାରି ରଖିଥିଲେ। ୧୯୭୬ ରେ ତାଙ୍କ ରଚିତ ଉପନ୍ୟାସ ଅଭୁଲା ଅତୀତ ୧୯୭୮ ମସିହାରେ କାହାଣୀ କଥାକୋଇଲି ପ୍ରକାଶିତ ହେବା ପରେ ୧୯୮୦ ମସିହାରେ ସାମାଜିକ ନାଟକ ବହୁ ହେବତ ଏମିତି, ନେହରୁ ଯୁବକେନ୍ଦ୍ର ଦ୍ୱାରା ସ୍ଥାନୀୟ ଖାଳିଆମେନ୍ଦ୍ରା ଗ୍ରାମରେ ଅଭିନୀତ ହୋଇଥିଲା। ୨୦୧୯ ମସିହାରେ ଆଶ୍ଚର୍ଯ୍ୟ ହେଲେ ବି ଅସତ୍ୟ ନୁହେଁ , ୨୦୨୧ ମସିହାରେ 'କ' ଅନୁପ୍ରାସରେ ରଚିତ କାବ୍ୟ 'ବୈତରଣୀ', ୨୦୨୨ ମସିହାରେ କବିତା ସଂକଳନ ଫୁଲଚନ୍ଦନ, ଶିଶୁ ଓ କିଶୋର ଙ୍କ ପାଇଁ ଢଗଢମାଳି , ବାୟାବୋଲି ଓ ସଂସ୍କାରମୂଳକ ଆଧ୍ୟାତ୍ମିକ କ୍ଷୁଦ୍ରପୁସ୍ତକ ବିଶ୍ୱଗୁରୁ ବାୟାବାବା ଙ୍କ ଆତ୍ମାନୁଭୂତି ବାଣୀ ପ୍ରକାଶିତ ହୋଇଥିଲା। ଗୋଟିଏ ଶବ୍ଦକୁ ୯ ଥର ବ୍ୟବହାର କରି ସମ୍ଭବ ପଦ୍ୟାବଳୀ ରଚନା କରିଥିଲେ। କେନ୍ଦୁଝର ଜିଲ୍ଲାର ବିଭିନ୍ନ ସ୍ଥାନରେ ଆୟୋଜିତ ସାହିତ୍ୟ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ବହୁ ଗୁଣାବଳୀ ପ୍ରତିଭାର ପରାକାଷ୍ଠା ଦେଖାଇଥିବାରୁ ଅନେକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଥିବା ଜଣାଯାଇଛି।



## ବୈତରଣୀ ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ

**ତୁରୁମୁଙ୍ଗା,୧୦।୧(ସମିସ):** କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ୍ ଡାଳପକାସ୍ଥିତ ବୈତରଣୀ ଉଚ୍ଚ ବିଦ୍ୟାଳୟରେ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଚାଲଥିବା ଉକ୍ତ କାର୍ଯ୍ୟକ୍ରମର ଶେଷ ଦିନରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା କହିବା ସହ ବିଦ୍ୟାଳୟ ମନ୍ଦିର ହେଲେ ଏଠାରେ ଶିକ୍ଷା ଦାନ କରୁଥିବା ଶିକ୍ଷକ ଜଣେ ଜଣେ ଦେବତୁଲ୍ୟ। ଶିକ୍ଷା କ୍ଷେତ୍ରରେ ଉକ୍ତ ଅନୁଷ୍ଠାନ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିବାବେଳେ ଆଗାମୀ ଦିନରେ ମଧ୍ୟ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ରହିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଟ୍ରେଜରର ପ୍ରକାଶ ଚନ୍ଦ୍ର ମହାନ୍ତି ଯୋଗଦେଇ ଉକ୍ତ ଅନୁଷ୍ଠାନ ରୌପ୍ୟ ଜୟନ୍ତୀ ପାଳନ କରୁଥିବା ବେଳେ ଏହା ଆଗକୁ ମଧ୍ୟ ଉଦାହରଣ ସୃଷ୍ଟି କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ରୀନା ନାୟକ, ୩୦ ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟା ଚମ୍ପାବତୀ ଟୁଡୁ, କାହ୍ନୁ ଚରଣ ସାମଲ ଓ ପୂର୍ବତନ ସାଂସଦଙ୍କ ପ୍ରତିନିଧି ଅଜୟ କୁମାର ପଟ୍ଟନାୟକ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ରାଜେନ୍ଦ୍ର ମହାନ୍ତ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ନୃସିଂହ ମହାନ୍ତ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ରାଜା କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। ପରିଚାଳନାରେ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।



## କର୍ମକ୍ଷେତ୍ରରେ ଯୌନ ଶୋଷଣ ସମ୍ବନ୍ଧୀୟ କର୍ମଶାଳା



**କେନ୍ଦୁଝର,୧୦।୧(ସମିସ):** କେନ୍ଦୁଝର ଜିଲ୍ଲା ପ୍ରଶାସନର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ଜିଲ୍ଲା ସୁରକ୍ଷା ଅଧିକାରୀଙ୍କ ଆୟୋଜନରେ ସଦର ବ୍ଲକୟ ସଭା ଗୃହଠାରେ କର୍ମକ୍ଷେତ୍ରରେ ମହିଳାମାନେ ଯୌନ ଶୋଷଣ ସମ୍ବନ୍ଧୀୟ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରମଣୀ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ମାମୀ ବେହେରା ଯୋଗଦେଇ କର୍ମକ୍ଷେତ୍ରରେ ଯୌନ ଶୋଷଣ ଶିକାର ନ ହେବାର ଉପାୟ, ଯୌନ ଶୋଷଣ ଧାରା, ବିଶାଖା ଆଇନ ଓ ପ୍ରାଧିକରଣ ଦ୍ୱାରା କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓସ୍କା ସମ୍ପାଦିକା ଧରିତ୍ରୀ ରାଉତ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, କୃଷି ଜିଲ୍ଲା ଅଧିକାରୀ ଗୋଲକ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଧା ଗୋସ୍ୱାମୀ, ଜିଲ୍ଲା ସୁରକ୍ଷା ଅଧିକାରୀ ବାସନ୍ତୀ ମହାନ୍ତ, ତଦାଶା ସମ୍ପାଦକ ତଥା ପ୍ରାଧିକରଣ ସଦସ୍ୟ ଅକ୍ଷୟ କୁମାର ଚକ୍ର ଯୋଗଦେଇ ଥିଲେ। ଉକ୍ତ କର୍ମଶାଳାରେ ଜିଲ୍ଲାସ୍ତରର ବିଭିନ୍ନ ବିଭାଗରେ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ଜିଲ୍ଲାସ୍ତରର ସ୍ଥାନୀୟ ଅଭିଯୋଗ କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଭାଗନେଇ ସମସ୍ତ କାର୍ଯ୍ୟକ୍ରମ ଉପରେ ମତାମତ ଦେଇଥିଲେ। ବିଭିନ୍ନ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବିଭାଗୀୟ ଅଧିକାରୀ, ଜିଲ୍ଲା ପୋଷଣ ସଂଯୋଜକ ଅଜିତ କୁମାର ମହାନ୍ତି, ମମତା ସଂଯୋଜକ ଶୁଭେନ୍ଦୁ ନାଥ, ପରିବାର ପରାମର୍ଶ କେନ୍ଦ୍ର ତଦାଶାର ପରାମର୍ଶକ ବିନୋଦ ବିହାରୀ ରାଉତ, ଜୟଶ୍ରୀ ଦାସ, ସଖୀ ସେଣ୍ଟର ପ୍ରଶାସିକା ହେମଲତା ପରମଗୁରୁ, ଜାଗୃତି-୨ ସୁପରିଟେଣ୍ଡାଣ୍ଟ ଗୀତାଞ୍ଜଳି ଦାଶ ଯୋଗଦେଇ ଥିଲେ।

## ପାଟଣା ରେଞ୍ଜରେ ପକ୍ଷୀ ଗଣନା

# କଳରବରେ ମୁଖରିତ ଚଢେଇକୁଦର ଘାଟ

ତୁରୁମୁଙ୍ଗା,୧୦।୧(ସମିସ)



କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାରଙ୍କ ନେତୃତ୍ୱରେ ବୁଧବାର ପକ୍ଷୀ ଗଣନା ଆରମ୍ଭ ହୋଇଛି। ରେଞ୍ଜର ଖିରେଇଟାଙ୍ଗିରୀ ସେକ୍ସନ ରାଜନଗର ନିକଟ ବୈତରଣୀ ନଦୀର ଚଢେଇକୁଦୁର ଘାଟ ସହ ଖିରେଇଟାଙ୍ଗିରୀ ଗ୍ରାମର ବଡ଼ବନ୍ଧ ଠାରେ ଦୁଇଟି ଟିମର ୧୦ ଜଣ କର୍ମଚାରୀ ନିୟୋଜିତ ହୋଇ ପକ୍ଷୀ ଗଣନା କରିଛନ୍ତି। ପ୍ରଥମଥର ପାଇଁ ରାଜନଗର ବୈତରଣୀ ନଦୀର ଚଢେଇକୁଦୁରକୁ ଶତାଧିକ ପକ୍ଷୀଙ୍କ ଆଗମନ ହୋଇଛି। ଫଳରେ ପରିବେଶବିତ୍‌ଙ୍କ ମନରେ ଅନେକ ଉତ୍ସାହ ଦେଖିବାକୁ ମିଳିଛି। ପକ୍ଷୀଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିବାବେଳେ ଶୀତୁଆ ପାଗ ସାଙ୍ଗକୁ ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ ପରିବେଶବିତଙ୍କୁ ବେଶ ଆକୃଷ୍ଟ କରିଛି। ଚଢେଇ କୁଦରରେ ୨୧୫୦ ହଂସ ଜାତୀୟ ପକ୍ଷୀ, ଖିରେଇଟାଙ୍ଗିରୀ ରାଜବନ୍ଧକୁ ୧୮ ଟି ପାଣି କାଉ , ୮ ଟି ବଗ ଚିହ୍ନଟ କରାଯାଇ ଥିବା ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ସୂଚନା ଦେଇଛନ୍ତି। ଚଢ଼େଇକୁଦର ଠାରେ ପ୍ରଥମଥର ପାଇଁ ଶତାଧିକ ପକ୍ଷୀଙ୍କ ଆଗମନକୁ ନେଇ ପକ୍ଷୀ ପ୍ରେମୀଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ଖିରେଇଟାଙ୍ଗିରୀ ରାଜବନ୍ଧକୁ କମ୍ ସଂଖ୍ୟକ ପକ୍ଷୀଙ୍କ ଆଗମନ ପକ୍ଷୀ ପ୍ରେମୀଙ୍କୁ ନିରାଶ କରିଛି। ମାତ୍ରାଧିକ ଶବ୍ଦ ପ୍ରଦୂଷଣ ସହ ବାୟୁ ପ୍ରଦୂଷଣ ସାଙ୍ଗକୁ ଖିରେଇଟାଙ୍ଗିରୀ ନିକଟ ଦେଇ ଜାତୀୟ ରାଜପଥ ଯାଇଥିବାରୁ ଶୀତକାଳୀନ ପକ୍ଷୀ, ବେଦେଶାଗତ ପକ୍ଷୀଙ୍କ ଆଗମନ ବିଗତ ବର୍ଷ ତୁଳନାରେ ଅପେକ୍ଷାକୃତ କମ୍‌ଥିବା ଲକ୍ଷ୍ୟ କରାଯାଇଛି। ଅନ୍ୟପଟେ ପକ୍ଷୀଙ୍କ ଆଗମନ ପାଇଁ ପାଟଣା ରେଞ୍ଜ ପକ୍ଷରୁ ପକ୍ଷୀ ମାନଙ୍କ ସୁରକ୍ଷା ପାଇଁ ବିଶେଷ ପଦକ୍ଷେପ ନିଆଯାଇଥିବା ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି।

ପରକୀୟା ପ୍ରୀତି ସନ୍ଦେହ

# ସ୍ୱାମୀକୁ ହତ୍ୟା; ସ୍ତ୍ରୀ ଓ ସମ୍ପର୍କୀୟ ଭାଇ ଗିରଫ

ଉଦଳା, ୧୦।୧(ସମିସ) : ପ୍ରେମିକ ଦିଅର ଆଗରେ ସ୍ୱାମୀ ହେଲା ତୁଚ୍ଛ । ସ୍ୱାମୀ ଏବଂ ପ୍ରେମିକ ଦିଅର ମଧ୍ୟରେ ଝଗଡା ହେବାରୁ ପ୍ରେମିକ ସପକ୍ଷରେ ରହି ସ୍ୱାମୀକୁ କାଠ ଫାଳିଆରେ ପିଟି ପିଟି ହତ୍ୟା କଲା ସ୍ତ୍ରୀ । ଏଭଳି ଘଟଣା ଘଟିଛି ଉଦଳା ଥାନା ନୟାରଙ୍ଗାମାଟିଆ ଗ୍ରାମରେ । ନୟାରଙ୍ଗାମାଟିଆ ଗ୍ରାମର ରାଇସେନ ମୁର୍ମୁଙ୍କୁ କାଠ ଫାଳିଆରେ ବାଡେଇ ବାଡେଇ ହତ୍ୟା କରିଛି ତାଙ୍କ ସ୍ତ୍ରୀ ପାନ ମୁର୍ମୁ ଏବଂ ସମ୍ପର୍କୀୟ ଭାଇ ଚନ୍ଦ୍ରମୋହନ ହେମ୍ବ୍ରମ । ଗତକାଲି ଗ୍ରାମରେ ଚାଲିଥିଲା ଜାହିରା ପୂଜା । ଜାହିରା ପୂଜାରେ କୁକୁଡ଼ା ଆଣିବାରେ ବିଳମ୍ବ କରିଥିଲେ ମୃତକ ରାଇସେନ ମୁର୍ମୁ; ଯାହାକୁ ନେଇ ସମ୍ପର୍କୀୟ ଭାଇ ଚନ୍ଦ୍ରମୋହନ ହେମ୍ବ୍ରମ ସହିତ ରାଇସେନଙ୍କ ଝଗଡା ହୋଇଥିଲା । ଏହି ଝଗଡା ସମୟରେ ରାଇସେନଙ୍କ ସ୍ତ୍ରୀ ପାନ ମୁର୍ମୁ ସେଠାରେ ପହଞ୍ଚି ଚନ୍ଦ୍ରମୋହନଙ୍କ ସପକ୍ଷରେ ରହିଥିଲେ । ଏପରିକି ସେ ନିଜ ସ୍ୱାମୀକୁ ବିରୋଧ କରିଥିଲେ । କାରଣ ଚନ୍ଦ୍ରମୋହନଙ୍କ ସହିତ ପାନଙ୍କ ଅନୈତିକ ସମ୍ପର୍କ ରହିଥିବା ବେଳେ ଚନ୍ଦ୍ରମୋହନଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ରହିଥିଲା । ପ୍ରେମିକକୁ ବଞ୍ଚାଇବାକୁ ଯାଇ ନିଜ ସ୍ୱାମୀକୁ ଝଗଡା ସମୟରେ ଏକ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଲା ସ୍ତ୍ରୀ । ଉଦଳା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଉଭୟ ସମ୍ପର୍କୀୟ ଭାଇ ଓ ସ୍ତ୍ରୀକୁ ଗିରଫ କରିଛି । ଅନ୍ୟପଟେ ସାଇଣ୍ଟିଫିକ ଟିମ ସହାୟତାରେ ପୁଲିସ ତଦନ୍ତକୁ ତ୍ୱରାନ୍ୱିତ କରିଛି ।



## ଫୋନ ପେ' ଗିଫ୍ଟର ଲୋଭ ଦେଖାଇ ୨୫ ହଜାର ଲୁଟ୍

ବେତନଟୀ,୧୦।୧(ସମିସ): ଫୋନ ପେ'ରେ ଏକ ଗିଫ୍ଟ ଆସିଥିବା ଲୋଭ ଦେଖାଇ ସାଇବର ଲୁଟେରାମାନେ ୨୫ ହଜାର ଲୁଟି ନେଇଥିବା ଅଭିଯୋଗ ହୋଇଛି । ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି । ତାରାକୋଟୀ ଗ୍ରାମର ଚନ୍ଦ୍ରମୋହନ ସାହୁଙ୍କ ପୁଅ ଦିଲ୍ଲୀପ ସାହୁଙ୍କ ଏକ ଚା', ପାନ ଦୋକାନ ରହିଛି । ତେବେ ଖୁଚୁରା ବ୍ୟବସାୟ ସାଙ୍ଗକୁ ସହଜରେ ଟଙ୍କା ଦେଣନେଣ ପାଇଁ ଦୋକାନରେ ଫୋନ-ପେ ବ୍ୟବହାର କରୁଥିଲେ । ଗତ ୪ତାରିଖ ଅପରାହ୍ନରେ ତାଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା । ଉକ୍ତ ଫୋନକଲ୍ ରିସିଭ୍ କରିବା ପରେ ସାଇବର ଲୁଟେରା ଜଣକ ଫୋନ-ପେ ଗିଫ୍ଟର ଲୋଭ ଦେଖାଇଥିଲା । ଦିଲ୍ଲୀପଙ୍କ ଝିଅ ଲୋଭର ବଶବର୍ତ୍ତୀ ହୋଇ ୟୁପିଆଇ ପାସୱାର୍ଡ ଦେଇ ଫୋନ-ପେ ଚେକ୍ କରିଥିଲେ । ଆଉ ଆଖିପିଛୁଳାକେ ସାଇବର ଲୁଟେରା ଜଣକ ପର୍ଯ୍ୟାୟକ୍ରମେ ତିନିଟି କିସ୍ତିରେ ୨୫ଜାର ୨ଶହ ଟଙ୍କା ଆକାଉଣ୍ଟରୁ ଲୁଟି ନେଇଥିଲେ । ଏନେଇ ବେତନଟୀ ପୁଲିସ ଆଇଟି ଆକ୍ଟ ସମେତ ଅନ୍ୟାନ୍ୟ ଦଫାରେ ୩ ନମ୍ବରରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ।

## ୩ ରାସ୍ତା ଓ ୨ ସେତୁର ଶିଳାନ୍ୟାସ କଲେ ମନ୍ତ୍ରୀ



କୁଳିଅଣା,୧୦।୧(ସମିସ): କୁଳିଅଣା ବ୍ଲକର ୩ଟି ରାସ୍ତା ଓ ୨ଟି ବିଜୁ ସେତୁ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଜନ ବାରି ପଦା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବାଙ୍ଗିରିପୋଷି ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଯୋଗଦେଇ ଶିଳାନ୍ୟାସ କରିଛନ୍ତି । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଭୁକ୍ତ ୧୮ ନଂ. ଜାତୀୟ ରାଜପଥର ଅସନବଣିଠାରୁ ଜାମପଦା ଦେଇ ଭୂୟାଁଗୋଡ଼ା ପରିଡା ସାହି ପର୍ଯ୍ୟନ୍ତ ୫ କି.ମି. ରାସ୍ତା ପାଇଁ ବ୍ୟୟ ଅଟକଳ ୬୧୪.୭୯ ଲକ୍ଷ, କୁକୁଡ଼ାଖୁମ୍ପି ପର୍ଯ୍ୟନ୍ତ ୩ କିମି ରାସ୍ତା ପାଇଁ ଅଟକଳ ୩୯୨.୫୧ ଲକ୍ଷ, ଅନ୍ୟଟି ଅସନଯୋଡା ବାଳିକା ଉଚ୍ଚ ବିଦ୍ୟାଳୟରୁ ବଡଜୁଣବଣି ଦେଇ ପଳାସବଣି ଯାଏ ୩ କିମି ରାସ୍ତା ପାଇଁ ୨୯୨.୭୧ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେହିପରି ବିଜୁ ସେତୁ ଯୋଜନାରେ ଅନ୍ଧାରିବଡ ହଳଦିଆକନ୍ଦ ରାସ୍ତାର ଡେଲୁଆ ନାଳ ଉପରେ ସେତୁ ନିର୍ମାଣ ବାବଦକୁ ୩୯୨.୫୧ ଲକ୍ଷ, କୁକୁଡାଖୁମ୍ପିଠାରେ ଡେଲୁଆନାଳ ଉପରେ ସେତୁ ନିର୍ମାଣ ପାଇଁ ୨୪୪.୯୩ ଲକ୍ଷ ଟଙ୍କା ର ବ୍ୟୟବରାଦ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ଜେନା, ବ୍ଲକ୍ ଅଧ୍ୟକ୍ଷା ଦୀପିକା ସିଂ, ଉପାଧ୍ୟକ୍ଷା ଅନିମା ସିଂ, ଜିଲ୍ଲା ପରିଷଦ ସଭ୍ୟ ଦୁର୍ଗା ମାର୍ଣ୍ଡି, ଆନନ୍ଦଚନ୍ଦ୍ର ଟୁଡୁ, ବିଜେଡି ବ୍ଲକ୍ ସଭାପତି, ଶୁଭାଂଶୁ ଶେଖର ଦେଓ ବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

## କଲେଜ ଛାତ୍ରଛାତ୍ରୀଙ୍କୁ ଆକ୍ୱାଗାର୍ଡ ପ୍ରଦାନ

ବଡ଼ସାହି, ୧୦।୧(ସମିସ): ପଞ୍ଚାୟତ ସମିତି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମାଜସେବୀ ଦମ୍ପତି ବିକାଶଚନ୍ଦ୍ର ସେଠୀ ଓ ମିଲି ସେଠୀ ଏକ ଆକ୍ୱାଗାର୍ଡ ପ୍ରଦାନ କରିଛନ୍ତି । ପୂର୍ବରୁ ସେ ୫୦୦ ଅଧିକ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରିଥିଲେ । ସେହି ସମୟରେ ଛାତ୍ରଛାତ୍ରୀ ଏକ ଆକ୍ୱାଗାର୍ଡ ଦେବାକୁ ନିବେଦନ କରିଥିଲେ । ସୋମବାର ଶ୍ରୀ ସେଠୀ ଓ ତାଙ୍କ ସହଧର୍ମିଣୀ କଲେଜ ଅଧ୍ୟକ୍ଷଙ୍କ ଅନୁମତିରେ ଆକ୍ୱାଗାର୍ଡ ପ୍ରଦାନ କରିଥିଲେ । ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିଥିବାରୁ ତାଙ୍କୁ ସମ୍ମାନ ଜଣାଇଥିଲେ । ଶ୍ରୀ ସେଠୀ ଅଧ୍ୟକ୍ଷଙ୍କ ସହ ଆଲୋଚନା କରି କହିଥିଲେ ଯେ, ଆଦିବାସୀ ହରିଜନ ପିଲାଙ୍କୁ ଷ୍ଟାଇପେଣ୍ଡ ଅର୍ଥରେ ଫର୍ମାସୀ, ମେଡିକାଲ ଓ ନର୍ସିଂ ପାଠକ୍ରମ ବିନମୂଲ୍ୟରେ ପଢ଼ାଇବେ । ମେଧାବୀ ଛାତ୍ରଛାତ୍ରୀଙ୍କୁ ୫ ହଜାର ଟଙ୍କା ସହାୟତା ଦେବା ସହ ୨ ଲକ୍ଷ ଟଙ୍କାର ଜୀବନବୀମା ପ୍ରଦାନ କରିବେ ।

## ଡିଏମ ପବ୍ଲିକ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ

କରଞ୍ଜିଆ,୧୦।୧(ସମିସ): କରଞ୍ଜିଆ ଡିଏମ ପବ୍ଲିକ ସ୍କୁଲର ୨୩ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଅରୁଣ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ କରଞ୍ଜିଆ ବିଇଓ ନିରଞ୍ଜନ ଦଳେଇ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସମ୍ବିତ ପତି, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ସଭାପତି ରବୀନ୍ଦ୍ର ନାଥ ମହାନ୍ତି, କରଞ୍ଜିଆ ଏବିଇଓ ବିପିନ ବିହାରୀ ବାରିକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ଉପାଧ୍ୟକ୍ଷା ମାଳତି ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷୟିତ୍ରୀ ବାସନ୍ତୀ ମୁଣ୍ଡା, ଚାରୁମଣି ମହାନ୍ତ, ଯଶୋଦା ଦାସ, ଇତିଶ୍ରୀ ଦାସଅଧିକାରୀ, କେଶବତୀ ମହାନ୍ତ, ସୁସମା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଉପଧ୍ୟକ୍ଷା ମାଳତୀ ମହାନ୍ତ ଧନ୍ୟବାଦ ଦେଇଥିଲେ ।

## ଯମୁନା ଗ୍ରାମରେ ଭାଷା ଦିବସ ପାଳିତ

ବଡସାହି,୧୦।୧(ସମିସ): ବଡସାହି ବ୍ଲକ୍ ଦେଉଳିଆ ପଞ୍ଚାୟତ ଖଡିଶୋଳ ଯମୁନା ଗ୍ରାମରେ ଭାଷା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁର୍ମୁ ଠାକୁର ଚନ୍ଦ୍ରମୋହନ ମୁର୍ମୁ ସଭାପତିତ୍ୱ କରିବା ସହିତ ରୀନିନିତୀ ଅନୁଶାରେ ପୂଜାପାଠ କରିଥିଲେ । ଭାଷା ଶିକ୍ଷକ ଶିମିଳେଶ୍ୱର ହେମ୍ବ୍ରମ୍ ଏଥିରେ ଯୋଗ ଦେଇ ପତାକା ଉତ୍ତୋଳନ କରି ଏହି ଦିବସକୁ ଉଦଘାଟନ କରିବା ସହିତ ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହା ସହିତ ସାନ୍ତାଳୀ ଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ ନିଜର ଅଭିଭାଷଣ ରଖିଥିଲେ । ଏହି ଅବସରରେ ଛୋଟ ଛୋଟ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଡ଼ଡାଳିମା/ତିରିଙ୍ଗ,୧୦।୧(ସମିସ): ତିରିଙ୍ଗ ବ୍ଲକ ଅନ୍ତର୍ଗତ ବଡ଼ଡାଳିମା ପାର୍ବତୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁବଳ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ସ୍ଥାୟୀ ସଭାପତି ଶ୍ରୀଧର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ନବଚରଣ ମାଝୀ, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୋଲେନ୍ ବାରଦା, ସମାଜସେବୀ ବାସୁଦେବ ମହାପାତ୍ର, ଓଷ୍ଟା ରାଜ୍ୟ ଉପ ସଭାପତି ଜ୍ଞାନରଞ୍ଜନ ସାର, ଓଷ୍ଟା ବାମନଘାଟିର ସମ୍ପାଦକ ଦୁର୍ଯ୍ୟୋଧନ ବେହେରା ଯୋଗଦେଇଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ସମାଜସେବୀ କାଶୀନାଥ ହେମ୍ବ୍ରମ୍ ମୁଖ୍ୟବ୍ୟକ୍ତା ଭାବେ ପିଏ, ଆଇଟିଡିଏ ରାଇରଙ୍ଗପୁରର ପରୀକ୍ଷିତ ଦାସ, ସମ୍ମାନିତ ଅତିଥି ଭାବେ ବିଇଓ ଯୋଗେଶ୍ୱର ଜେନା, ଜିଲ୍ଲା ପରିଷଦ ପରେଶ୍ ମୁଣ୍ଡା, ସମିତିସଭ୍ୟ ବଳଦେବ ହେମ୍ବ୍ରମ୍ ତଥା ତହସିଲଦାର ସୁଶାନ୍ତ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ପ୍ରଭାସ ପାତ୍ର ପରିଚାଳନାରେ ସହଯୋଗ କରିଥିଲେ ।

## କୁଷ୍ଠ ଆକ୍ରାନ୍ତଙ୍କୁ ଶୀତବସ୍ତ୍ର ବଣ୍ଟନ




ରାଇରଙ୍ଗପୁର,୧୦।୧(ସମିସ): ଲେପ୍ରା ସୋସାଇଟି ଏବଂ ରାଇରଙ୍ଗପୁର ବ୍ଲକ ପକ୍ଷରୁ ଆୟୋଜିତ ଏକ ବୈଠକରେ ଗୋରୁମହିଷାଣୀ ଲୌହଖଣି କର୍ତ୍ତୃପକ୍ଷ, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଂଜନ ହେମ୍ବ୍ରମ, ଲେବର ୟୁନିୟନର ସଭାପତି ସତ୍ୟବ୍ରତ ଦାସ ଏବଂ ଗୋରୁମହିଷାଣି ଲୌହଖଣିର ଜେନେରାଲ ମ୍ୟାନେଜର ନୀଲେଶ ସିଂ, ଘନଶ୍ୟାମ ମିଶ୍ରା ପ୍ରାଇଭେଟ ଲିମିଟେଡ ଦ୍ୱାରା ୪୦ ଜଣ କୁଷ୍ଠ ଆକ୍ରାନ୍ତଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଲେପ୍ରାସୋସାଇଟିର କ୍ଷେତ୍ରକର୍ମୀ ସୁକୁମତି ହେମ୍ବ୍ରମ, ଅମ୍ବୁବତୀ ଦଳାଇ, କମଳ ଲୋଚନ ସେଠୀ, ସାକିଲା ହେମ୍ବ୍ରମ, କ୍ଷେତ୍ର ସଂଯୋଜକ ରବୀନ୍ଦ୍ର ଦାସ, ଲେପ୍ରା ସୋସାଇଟିର ପ୍ରୋଜେକ୍ଟ ଏସୋସିଏଟ୍ ପ୍ରହଲ୍ଲାଦ ମଙ୍ଗରାଜ ସହାୟତା କରିଥିଲେ । ଏହି ଅବସରରେ ଅତିଥିମାନେ କୁଷ୍ଠ ଆକ୍ରାନ୍ତଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଆଗାମୀ ଦିନରେ ଲୌହଖଣି ତରଫରୁ କୁଷ୍ଠ ଆକ୍ରାନ୍ତଙ୍କୁ ସ୍ୱଯତ୍ନ କିଟ୍ ଯୋଗାଇ ଦେବାରେ ସହାୟତା କରିବା ପାଇଁ ମତବ୍ୟକ୍ତ କରିଥିଲେ । ଶେଷରେ ଲେପ୍ରାସୋସାଇଟିର ପ୍ରଜେକ୍ଟ ଏସୋସିଏଟ୍ ପ୍ରହଲ୍ଲାଦ ମଙ୍ଗରାଜ ଧନ୍ୟବାଦ ଦେଇଥିଲେ ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଠାକୁରମୁଣ୍ଡା, ୧୦।୧(ସମିସ): ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ କ୍ଷିରୋଦ କୁମାର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ମନୋଜ କୁମାର କାର୍ଜି ମୁଖ୍ୟ ଅତିଥିଳ ତହସିଲଦାର ଡଃ ସୁଶ୍ରୀ ସୁପ୍ରିୟା ସ୍ୱତନ୍ତ୍ର ସମ୍ମାନିତ ଅତିଥି, ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ ମୁଖ୍ୟବକ୍ତା ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଦେବେନ୍ଦ୍ର କୁମାର ସାମଲ, କରଞ୍ଜିଆ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଆଲୋକ କୁମାର ମାଝୀ, ଶିଶୁ ବିକାଶ ଯୋଜନା ଅଧିକାରିଣୀ ଶ୍ରୀମତୀ ପ୍ରେମଲତା ସେଠୀ, ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀଯୁକ୍ତ ସୁଶାନ୍ତ କୁମାର ସାହୁ ଏବଂ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖା ପରିଚାଳକ ସ୍ମୃତି ରଞ୍ଜନ ସାହୁ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ବଳରାମ ସ୍ୱାଇଁ ବାର୍ଷିକ ବିବରଣୀ ଶିକ୍ଷୟିତ୍ରୀ ମନ୍ଦାକିନୀ ମହାନ୍ତ ଓ ରଶ୍ମିରେଖା ମାଝୀ ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ଆରତୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତରଣୀସେନ୍ ମହାନ୍ତ ସହଯୋଗ କରିଥିଲେ ।

## ୧୬ରୁ ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ

ବାରିପଦା, ୧୦।୧(ସମିସ): ମୟୂରଭଞ୍ଜ ଜିଲ୍ଲା ସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ ପାଇଁ ପ୍ରାକ-ପ୍ରସ୍ତୁତି ବୈଠକ ସୋମବାର ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ପାଣିପଞ୍ଚାୟତ ପକ୍ଷ ସମାରୋହ ଜିଲ୍ଲାରେ ଆଗାମୀ ୧୬ ତାରିଖରେ ଉଦଘାଟିତ ହୋଇ ଜାନୁଆରୀ ୩୦ ତାରିଖରେ ଶେଷ ହେବ । ଏହି ଅବରସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା, ପାଣି ପଞ୍ଚାୟତ ରଥର ଶୁଭ ସଞ୍ଚାଳନ ଆଦି ବିଷୟରେ ଆଲୋଚନା ହୋଇଥିଲା । ଏଥି ସହିତ କୃଷି, ପଶୁପାଳନ, ଆଦିବାସୀ ଉନ୍ନୟନ, ଗ୍ରାମୀଣ ଉନ୍ନୟନ ବ୍ୟାଙ୍କ, ଉଠା ଜଳସେଚନ, ସୂଚନା ଓ ଲୋକ ସମ୍ପର୍କ ସମସ୍ତ ବିଭାଗର ବିଭିନ୍ନ କାର୍ଯ୍ୟକଳାପର ପ୍ରଦର୍ଶନୀ ପାଇଁ ମଧ୍ୟ ଆଲୋଚନା ହୋଇଥିଲା ।

## ୧୭ରୁ ଅଠର ଦେଉଳ ଯାତ୍ରା ନେଇ ବାଥୁଡ଼ି ସଂପ୍ରଦାୟର ବୈଠକ

ଖୁଣ୍ଟା,୧୦।୧(ସମିସ): ଖୁଣ୍ଟା ବ୍ଲକ ଅଧୀନ କରକଚିଆ ପଞ୍ଚାୟତ ସାନମାମୁଡ଼ିଆ ଗ୍ରାମରେ ବାଥୁଡି ସଂପ୍ରଦାୟ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କରଞ୍ଜିଆ, ଯଶିପୁର, କନ୍ଦୁଝର ଆଦି ସ୍ଥାନରୁ ବହୁସଂଖ୍ୟକ ଲୋକ ଯୋଗ ଦେଇଥିଲେ । ଯୁବ ବାଥୁଡି ସମାଜର ସଭାପତି ବୀରେନ୍ଦ୍ର ନାଥ ମଢେଇଙ୍କ ସଭାପତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତଥିଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ଇଂ. ନୟାଧର ପଢ଼ିଆଳ, ଡ. ରାଜକିଶୋର ନାଏକ, ଦିବାକର ପଢ଼ିଆଲ, ବାଥୁଡି ସାଂସ୍କୃତିକ ପରିଷଦ କୁଳିଅଣାର ସଭାପତି ଶୁକଦେବ ନାଏକ, ଅଠର ଦେଉଳର ମୁଖ୍ୟ ପୂଜକ ଚିତ୍ତରଞ୍ଜନ ଦାସ ମହାପାତ୍ରଙ୍କ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସଂପୃକ୍ତ ସଂପ୍ରଦାୟର ପ୍ରମୁଖ ପୀଠସ୍ଥଳୀ ଅଠର ଦେଉଳାର ବିଭିନ୍ନ ସମସ୍ୟା ଏବଂ ଏହାର ସୁରକ୍ଷାକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଆଗାମୀ ମାର୍ଚ୍ଚ ୧୭ରୁ ୨୩ ପର୍ଯ୍ୟନ୍ତ ପୀଠରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଅଠର ଦେଉଳ ଯାତ୍ରାର ସୁପରିଚାଳନା ଓ ଜିଲ୍ଲା ଓ ଜିଲ୍ଲା ବାହାରରୁ ଦୂର ଆସୁଥିବା ଶ୍ରଦ୍ଧାଳୁମାନେ ଯେଉଁ ଭଳି କୌଣସି ଅସୁବିଧାରେ ସମ୍ମୁଖୀନ ନ ହୁଅନ୍ତୁ ସେ ନେଇ ଆଲୋଚନା ହୋଇଥିଲା । ରମେଶ ଚନ୍ଦ୍ର ଖଣ୍ଡେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁଡୁମୀ ସମାଜ ପକ୍ଷରୁ ବନ୍ଧୁମିଳନ

ରାଇରଙ୍ଗପୁର,୧୦।୧(ସମିସ): ସହର ନିକଟ ବହଳଦା ଆମ୍ବ ବଗିଚାରେ ରାଇରଙ୍ଗପୁର କୁଡୁମୀ ସମାଜ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟସଭା ସାଂସଦ ମମତା ମହାନ୍ତ କରିବା ପାଇଁ ଉପସ୍ଥିତ ଜନମାନସକୁ ସମ୍ବୋଧିତ କରିଥିଲେ । ବାବୁରାମ ମହାନ୍ତ ଏବଂ ଡା. ପ୍ରତାପ ଚନ୍ଦ୍ର ମହାନ୍ତ କୁଡୁମୀ ସଂସ୍କୃତି ଓ ପର୍ବପର୍ବାଣିର ମହତ୍ୱ ଉପରେ ସୂଚନା ଦେଇଥିଲେ । ଏହି ଅବସରରେ ଯାଜ୍ଞଶ୍ୱରୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ବନ୍ଧୁମିଳନ ମଞ୍ଚରେ କୁଡୁମାଲି ଝୁମର ଆଖଡ଼ା, ରାଇରଙ୍ଗପୁର ଦ୍ୱାରା ଝୁମର ସଙ୍ଗୀତ ପରିବେଷଣ ହୋଇଥିଲା । ଏହି ଅବସରରେ ଝୁମର ପରିବେଷଣ ହୋଇଥିଲା ।



ମୁଖ୍ୟଅତିଥି ଭାବେ ଯୋଗଦେଇ କୁଡୁମୀ ସମାଜର ଜନମାନସକୁ ଏକତ୍ରିତ କରି ଏପରି କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥିଭାବେ ଓଡିଶା କୁଡୁମୀ ସମାଜ ସଭାପତି କ୍ଷୀରୋଦ ଚନ୍ଦ୍ର ମହାନ୍ତ ଯୋଗଦେଇ କୁଡୁମାଲି ସଂସ୍କୃତି ଏବଂ ପରମ୍ପରାକୁ ଉଜ୍ଜୀବିତ ମହାନ୍ତ, ବିମଳ କୁମାର ମହାନ୍ତ, ବନ୍ଦିତା ମହାନ୍ତ, ଜ୍ୟୋତିପ୍ରକାଶ ମହାନ୍ତ, ସୁଲୋଚନା ମହାନ୍ତ, ନବୀନ କିଶୋର ମହାନ୍ତ, ଜିତେନ୍ଦ୍ର ମହାନ୍ତ, ପୁରୁଷୋତ୍ତମ ମହାନ୍ତ, ଭବାନୀ ଶଙ୍କର ମହାନ୍ତ, ଗୁରୁଚରଣ ମହାନ୍ତ, ବାବୁରାମ ମହାନ୍ତ, ଶଶଧର କାଡୁଆର ଅନ୍ୟମାନଙ୍କ ମଧ୍ୟରେ ପ୍ରଭାସ କୁମାର ମହାନ୍ତ, ଜ୍ୟୋତି ପ୍ରକାଶ ମହାନ୍ତ, ମନୋଜ କୁମାର ମହାନ୍ତ, ତପନ କୁମାର ମହାନ୍ତ, ମୋତିଲାଲ ମହାନ୍ତ, ଉମେଶ ମହାନ୍ତ, ବିଜୟ ମହାନ୍ତ, ସନ୍ତୋଷ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ୧୫ରେ ପିଏମ୍ ଜନମନ ଯୋଜନା ପାଇଁ ଜାତୀୟ ପ୍ରସାର କାର୍ଯ୍ୟକ୍ରମ



ବାରିପଦା, ୧୦।୧(ସମିସ): ଆସନ୍ତା ୧୫ ତାରିଖରେ ପିଏମ୍ ଜନମନ ଯୋଜନା ପାଇଁ ବାରିପଦାରେ ଜାତୀୟ ପ୍ରସାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ସହିଦ ସ୍ମୃତି ଭବନରେ ୫୦୦ଜଣ ଆଦିବାସୀ ଗୋଷ୍ଠୀର ହିତାଧିକାରୀଙ୍କୁ ନେଇ ଏକ ସଭାର ଆୟୋଜନ କରାଯିବା ପାଇଁ ସ୍ଥିର ହୋଇଛି । ଏହି କାର୍ଯ୍ୟକ୍ରମର ଆୟୋଜନ ପାଇଁ ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଜିଲ୍ଲାର ସମସ୍ତ ପ୍ରକଳ୍ପ ପ୍ରଶାସକଙ୍କୁ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲପାଳ ଶ୍ରୀ ଭରଦ୍ୱାଜ କହିଥିଲେ ଯେ ଯେଉଁ ସବୁ ଗ୍ରାମବାସୀ ଏପର୍ଯ୍ୟନ୍ତ ଆଧାରକାର୍ଡର ସୁବିଧା ପାଇନାହାନ୍ତି, ଯେଉଁମାନଙ୍କୁ ଜାତିଗତ ପ୍ରମାଣପତ୍ର ମିଳିନାହିଁ ସେମାନଙ୍କୁ ତୁରନ୍ତ ଏହି ସୁବିଧା କରାଇବା ପାଇଁ ଅଧିକାରୀମାନେ ତତ୍ପର ହେବେ । ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ଉପସ୍ଥିତ ରହି ସମସ୍ତ ସମନ୍ୱୟ କମିଟିର ସଦସ୍ୟଙ୍କୁ ସମସ୍ତ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ କହିଥିଲେ । ସୂଚନା ଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାନୁଆରୀ ୧୫ରେ ଆଭାସୀ ଜରିଆରେ କିଛି ଜିଲ୍ଲାବାସୀଙ୍କ ସହିତ ଏ ନେଇ ଆଲୋଚନା କରିବେ । ବିଗତ ଦିନରେ ଏହି ଯୋଜନା ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଭାରୀ ସଂଗୀତ ଗୁପ୍ତା ମୟୂରଭଞ୍ଜ ଗସ୍ତରେ ଆସି ବିଭିନ୍ନ ବିବରଣୀ ନେଇଥିଲେ ।

## ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ଯଶିପୁର,୧୦।୧(ସମିସ): ଯଶିପୁର ବ୍ଲକ ପରିସରରେ ମିଶନଶକ୍ତି ଗୃହ ଆଜି ଶିଶୁ ବିକାଶ ଏବଂ ମିଶନଶକ୍ତି ମନ୍ତ୍ରୀ ତଥା କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ହେମ୍ବ୍ରମ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ, ୪୧ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ମିନତୀ ନାଏକ, ୪୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସୁଜାତା ହୋ, ଯଶିପୁର ବ୍ଲକ ଅଧ୍ୟକ୍ଷ୍ୟା କୁମୁଦିନୀ ଦଳେଇ, ଉପାଧ୍ୟକ୍ଷ୍ୟା କନକଲତା ଦାସ, ଯଶିପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସତ୍ୟାନନ୍ଦ ଦାସ, ତହସିଲଦାର କ୍ରିସନେସିଆ ଟାର୍କୀ, ସିଡିପିଓ ସତ୍ୟଭାମା ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ । ବ୍ଲକ ବିପିଏମ ମୋତିଲାଲ ସାହୁ ସଭା ପରିଚାଳନା କରିଥିଲେ । ବିପିସି ଦୀପକ କୁମାର ସାହୁ ଓ ମିଶନଶକ୍ତି ଫେଡେରେସନର ସଭାନେତ୍ରୀ କୁଞ୍ଜଲତା ମହାନ୍ତ ମିଶନଶକ୍ତିର ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବୁଝାଇଥିଲେ । ଶେଷରେ ବିପିଏମ ମୋତିଲାଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ରାଜ୍ୟସ୍ତରୀୟ ରୋଭର୍ସ-ରେଞ୍ଜର୍ସ କାର୍ଣ୍ଣିଭାଲରେ ଛାତ୍ରୀଙ୍କ ସଫଳତା

ବେତନଟୀ,୧୦।୧(ସମିସ): ଭାରତ ସ୍କାଉଟ୍ସ-ଗାଇଡ ପକ୍ଷରୁ ଭୁବନେଶ୍ୱର ମୁଖ୍ୟାଳୟରେ ଆୟୋଜିତ ୫ଦିନିଆ ରୋଭର୍ସ-ରେଞ୍ଜର୍ସ କାର୍ଣ୍ଣିଭାଲରେ ବେତନଟୀ କଲେଜକୁ ସଫଳତା ମିଳିଛି । ଦଳଗତ ନୃତ୍ୟରେ ତୃତୀୟ ସ୍ଥାନ ଅଧିକାର କରି ବେତନଟୀ କଲେଜ ପାଇଁ ଗୌରବ ଆଣିଛନ୍ତି ସ୍ମୃତିରେଖା । ଗତ ୩ରୁ ୭ତାରିଖ ପର୍ଯ୍ୟନ୍ତ ଚାଲିଥିବା ରାଜ୍ୟସ୍ତରୀୟ ରୋଭର୍ସ-ରେଞ୍ଜର୍ସ କାର୍ଣ୍ଣିଭାଲରେ ବେତନଟୀ କଲେଜର ୫ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ । ତେବେ "ବେଷ୍ଟ ଆଉଟ ଅଫ ୱେଷ୍ଟ"ରେ ଛାତ୍ରୀ ସ୍ମୃତିରେଖା ନାୟକ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ସେହିଭଳି ଦଳଗତ ନୃତ୍ୟରେ ସ୍ମୃତିରେଖା ନାୟକ, ସାଲମା ମାର୍ଣ୍ଡି, ଭାରତୀ ସିଂ, ନୀଳିମା ନାଏକ, ନମିତା ନଏକ ପ୍ରମୁଖ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଏହି ସଫଳତା ପାଇବା ପରେ କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ, କଲେଜ ସଭାପତି ତଥା ପ୍ରାକ୍ତନ ପ୍ରାଧ୍ୟାପକ ଅଲେଖ କୁମାର ବିଶ୍ୱାଳ ସ୍ମୃତିରେଖାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଅଧ୍ୟାପିକା ତରୁଲତା ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀମାନେ ସଫଳତା ହାସଲ କରିଥିବାରୁ ତାଙ୍କୁ ପ୍ରଶଂସା କରିଥିଲେ ।



# ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି 'ଜୟ ଜଗନ୍ନାଥ ଅର୍ପଣ ରଥ'


ବାଲେଶ୍ୱର


ଜଳେଶ୍ୱର ବ୍ଲକ


ଔପଦା


ରୂପସା


ଖଇରା

**ବାଲେଶ୍ୱର, ୧୦ ।୧(ସମିସ):**

ରେମୁଣା ନିର୍ବାଚନ ମଣ୍ଡଳୀର ତୁଣ୍ଡରା ପଞ୍ଚାୟତ କାର୍ଯ୍ୟାଳୟରୁ ବୁଧବାର ଜୟ ଜଗନ୍ନାଥ ଅର୍ପଣ ରଥ ବାହାରି ୬ଟି ୱାର୍ଡ ପରିକ୍ରମା କରିଛି। ପ୍ରତି ଘରୁ ଅରୁଆ ଚାଉଳ, ଗୁଆ ସଂଗ୍ରହ ହୋଇଚି। ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ବନ୍ଦିତା ନାୟକ ଏହି ରଥକୁ ନଡ଼ିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ। ସମିତି ସଭ୍ୟ ପୃଥ୍ୱିରାଜ ମୁର୍ମୁ, ସରପଞ୍ଚ ଗଙ୍ଗାରାଣୀ ସାହୁ, ନିର୍ବାହୀ ଅଧିକାରୀ ଗୌର ହରି ନାୟକ, ଜ୍ଞାନ ରଞ୍ଜନ ନାୟକ, ଦାମୋଦର ଜେନା, ଭାସ୍କର ବେହେରା, ସୁଦର୍ଶନ ପରିଡ଼ା, ମନୋରମା ନାୟକ, ଶାନ୍ତିଲତା ଜେନା, ରୀତାରାଣୀ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

**ଜଳେଶ୍ୱର ବ୍ଲକ:** ଜଳେଶ୍ୱର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରୁ ୨ଟି ରଥର ଶୁଭାରମ୍ଭ କରାଯାଇଛି। ସପନ ମିଶ୍ର ପୂଜାର୍ଚ୍ଚନା କରିଥିଲେ। ନଗରପାଳ ପ୍ରତୀପ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, କାଉନସିଲର ଚନ୍ଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଔପଦା:** ଔପଦା ବ୍ଲକ ତଳକିଆ ପଞ୍ଚାୟତ, ବଡ଼ପୋଖରୀ, ଅଘିରାପଦା ଓ ଗଡ଼ସାହି ଆଦି ପଞ୍ଚାୟତର ବିଭିନ୍ନ ଗାଁରେ ଏହି ରଥ ପରିକ୍ରମା କରିଛି। ବିଜେଡି ଜିଲ୍ଲା ଉପ ସଭାପତି ସନ୍ତୋଷ ଖଟୁଆ, ବ୍ଲକ ଅଧ୍ୟକ୍ଷା ବିସି ବିସ୍ୱା ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ମୁନି ସିଂ, ବଡ଼ପୋଖରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ବସନ୍ତ ଦାସ, ଅଘିରାପଦା ସରପଞ୍ଚ ଅନୁପମା ବିଶ୍ୱାଳ, ସମିତି ସଭ୍ୟା ଶିଖା ନାୟକ, ଗଡ଼ସାହି ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ବିଜେଡି ବ୍ଲକ ସଭାପତି ଆଶୋକ ପ୍ରଧାନ, ଯୁବ ନେତା ସଞ୍ଜୟ ବିଶ୍ୱାଳ, ସରୋଜ ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

**ରୂପସା:** କସିପଦା ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଛି। ପୂର୍ବତନ ଜିଲ୍ଲାପରିଷଦ ବରଦା ପ୍ରସନ୍ନ ପଟ୍ଟନାୟକ, ସରପଞ୍ଚ ଗଙ୍ଗା ମଣି ବେହେରା, ସମିତି ସଭ୍ୟା ଭଗବତୀ ପଣ୍ଡା, ଗଦାଧର ବଡ଼େଇ, ବିନୟ ବେହେରା, ଆଲୋକ ପାତ୍ର, ରଙ୍ଗନାଥ ନାୟକ ଯୋଗ ଦେଇଥିଲେ। କସିପଦା ଜଗନ୍ନାଥ ମନ୍ଦିରରେ ପୂଜା ପରେ ରଥର ଶୁଭାରମ୍ଭ ହୋଇଥିଲା। ଏହି ରଥ ପ୍ରତ୍ୟେକ ଗ୍ରାମ ପରିକ୍ରମା କରି ପ୍ରତ୍ୟେକ ଘରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଥିଲା। ଗ୍ରାମବାସୀଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

**ଖଇରା:** ଖଇରା ବ୍ଲକ ଅଧୀନ ମାଣିତ୍ରୀ, ସାରଡାଙ୍ଗ, ଝିଙ୍କିରିଆ, ବଡଜୟୀପୁର, ବରଦା, ଅନ୍ତରା, କୁରୁଣ୍ଟା ଇତ୍ୟାଦି ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏହି ରଥର ଶୁଭାରମ୍ଭ କରିଥିଲେ।

## ପୁଲିସ ପଞ୍ଝାରେ ୨ ବ୍ରାଉନସୁଗର ବ୍ୟବସାୟୀ



**ଜଳେଶ୍ୱର/ରାଇବଣିଆ/ଜଳେଶ୍ୱର ବ୍ଲକ, ୧୦ ।୧(ସମିସ):** ଜଳେଶ୍ୱର ନୂଆବଜାର ଅଞ୍ଚଳର ଜଣେ ବ୍ରାଉନସୁଗର ବେପାରୀ ଧରାପଡଛି। ତା' ପାଖରୁ ୨୮୩ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ଏକ ନମ୍ବର ବିହିନ ବାଇକରେ ସେ ଗଲାବେଳେ ଖବର ପାଇ ଛକି ରହିଥିବା ପୁଲିସ ୫୭ନମ୍ବର ରାଜ୍ୟ ରାଜପଥର ଆମ୍ବଳିଆଠା ନିକଟରୁ ତାକୁ ଧରିଥିଲା। ତେବେ ଧରାପଡ଼ିଥିବା ସେଖବାର୍ଡ ଅଞ୍ଚଳର ୧୯ ବର୍ଷିୟ ଏହି ଯୁବକର ସହଯୋଗୀ ଘର ଉପରେ ପୁଲିସ ରାତିରେ ଚଢଉ କରି ଗିରଫ କରିଥିଲା। ଜବତ୍ ହୋଇଥିବା ବ୍ରାଉନ୍‌ସୁଗରର ମୂଲ୍ୟ ୨୮ଲକ୍ଷ ୩୦ହଜାର ହେବ। ପୁଲିସ, ମାନଙ୍କଠାରୁ ୩ଟି ମୋବାଇଲ୍ ଓ ଏକ ବାଇକ୍ ଜବତ୍ କରିଛି। ଏସ୍‌ପି ସାଗରିକା ନାଥ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଏସ୍‌ଡିପିଓ ଦିଲ୍ଲୀପ ସାହୁ, ଆଇଆଇସି ରଞ୍ଜନ ସେଠୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ତଦନ୍ତରେ ବାଧା ଉପୁଜିବା ଆଶଙ୍କା କରି ପୁଲିସ ଏହି ୨ ଯୁବକଙ୍କ ନାଁ ଗୁପ୍ତ ରଖିଛି।

## ନୀଳଗିରି ଓ କୁଲଡିହା ରେଞ୍ଜ୍‌ରେ ପକ୍ଷୀଗଣନା

**ନୀଳଗିରି, ୧୦ ।୧(ସମିସ):**

ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ଥିବା କୁଲଡିହା ଏବଂ ନୀଳଗିରି ରେଞ୍ଜ୍‌ରେ ବନ ବିଭାଗ ପକ୍ଷରୁ ପକ୍ଷୀ ଗଣନା ଆରମ୍ଭ ହୋଇଛି। ବାଲେଶ୍ୱର ଡିଏଫଓ ଖୁସବନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଏହି ପକ୍ଷୀ ଗଣନା କାର୍ଯ୍ୟ ଚାଲୁଛି। କୁଲଡିହା ରେଞ୍ଜରେ ୨୦ ଜଣ ବନ କର୍ମଚାରୀଙ୍କୁ ନେଇ ୪ଟି ଦଳ ଗଠନ କରାଯାଇଛି। କୁଲଡ଼ିହା ଅଭୟାରଣ୍ୟରେ ରିଷିଆ, ଖୁମକୁଟ, ବୁଗାଳି ବନ୍ଧ ଏବଂ ସାତ ଘାଟିରେ ଥିବା ଜଳାଶୟ ଉପରେ ଗଣନା କାର୍ଯ୍ୟ ଚାଲଛି। ନୀଳଗିରି ବନ ବିଭାଗ ଅଧୀନରେ ଥିବା ପଦ୍ମ ତୋଳା ହ୍ରଦରେ ମଧ ପକ୍ଷୀ ଗଣନା କରାଯାଇଛି। ଏସିଏଫ ମାନସ ରଞ୍ଜନ ବେହେରା, ନୀଳଗିରି ବନାଞ୍ଚଳ ଅଧିକାରୀ ଆଇଶା ଅକ୍ତାର ନିଶା, ବନପାଳ ସରୋଜ ପ୍ରଧାନ, ଫରେଷ୍ଟ ଗାର୍ଡ ବବିଶ୍ମିତା ସାହୁ, ମନୋରଞ୍ଜନ ସିଂ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ତେବେ ୧୯ ପ୍ରଜାତିର ୬୨୬ଟି ପକ୍ଷୀ ଗଣନା କରାଯାଇଥିଲାବେଳେ ଗୋଟିଏ ବି ବିଦେଶାଗତ ପକ୍ଷୀ ଦେଖିବାକୁ ମିଳିନାହିଁ।

କୁଲଡିହାରେ ବାଲେଶ୍ୱର ଏସିଏଫ୍ ଦିବନ୍ତ ଶୋଉନ ଚାନ୍ଦ, ଏସିଏଫ ରାମଚନ୍ଦ୍ର ମୁର୍ମୁ, ବନାଞ୍ଚଳ ଅଧିକାରୀ ପ୍ରବୀର ମୁର୍ମୁ, ପଞ୍ଚଲିଙ୍ଗେଶ୍ୱର ବିଟ୍ ବନପାଳ ଭାଗ୍ୟଶ୍ରୀ ଦିୱେଦି, ଜୋଡ଼ାଚୁଆ ବିଟ୍‌ରୁ ସୌମ୍ୟରଞ୍ଜନ ମାଝୀ, ତେଣ୍ଡା ଫରେଷ୍ଟ ଗାର୍ଡ ରାକେଶ ବାରିକ, ତେଣ୍ଡା ଫରେଷ୍ଟ ଗାର୍ଡ଼ ଭାରତୀ ସିଂ, ପଞ୍ଚଲିଙ୍ଗେଶ୍ୱର ବିଟ୍ ଫରେଷ୍ଟ ଗାର୍ଡ଼ ସିଙ୍ଗିରାଏ ହେମ୍ବ୍ରମ, ସନ୍ତରାଗଡ଼ିଆ ଫରେଷ୍ଟ ଗାର୍ଡ଼ ପୂର୍ଣଚନ୍ଦ୍ର ସିଂ, ବାଲିଆ ନାଳ ବିଟ୍‌ରୁ ଫରେଷ୍ଟ ଗାର୍ଡ଼ ଦୁଷ୍ମନ୍ତ ଜେନା, ସେଞ୍ଚୁରିଆନ୍ ୟୁନିଭରସିଟିର ଛାତ୍ର ମେଘା ସାମଲ, ମୈତ୍ରୀ ମିଶ୍ର, ଅନନ୍ୟା ଅନୁରାଧା ସାହୁ, ଜୀବନ ଜ୍ୟୋତି ସୁନ୍ଦରରାୟ, ପକ୍ଷୀ ବିଶେଷଜ୍ଞ ମନୋରଞ୍ଜନ ଦାସ, ପ୍ରକାଶ ଚନ୍ଦ୍ର ମର୍ଦ୍ଦରାଜ ଏହି ପକ୍ଷୀ ଗଣନା କାର୍ଯ୍ୟରେ ସାମିଲ ଥିଲେ।

## ବିଜେଡିରୁ ରବୀନ୍ଦ୍ରନାଥ ଅଣ୍ଡିଆ ଓ ହେମନ୍ତ ଦାସ ନିଲମ୍ବିତ

**ବାଲିଆପାଳ, ୧୦ ।୧(ସମିସ):** କ୍ରମାଗତ ଦଳ ବିରୋଧୀ କାର୍ଯ୍ୟ ପାଇଁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ ଓ ବାଲିଆପାଳ ସରପଞ୍ଚ ବନଲତା ଦାସଙ୍କ ସ୍ୱାମୀ ହେମନ୍ତ ଦାସଙ୍କୁ ବିଜୁ ଜନତା ଦଳରୁ ନିଲମ୍ବନ କରାଯାଇଛି। ଦଳର ଜିଲ୍ଲା ସଭାପତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଏ ନେଇ ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଦଳର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଅବଗତି କରାଯାଇଛି।

## ଅଗ୍ନିକାଣ୍ଡରୁ ବର୍ତ୍ତିଗଲା କଲରାପାଳ

ଖଇରା, ୧୦ ।୧(ସମିସ): ମହତିପୁର ପଞ୍ଚାୟତର ମହତିପୁର ଓ କଲରାପାଳ ଗ୍ରାମର ୨୦ ଏକାରରୁ ଅଧିକ ଚାଷ ଜମିରେ ପଡ଼ିଥିବା ନଡାରେ କେହି ନିଆଁ ଲଗାଇ ଦେଇଛି। ଏହା ଫଳରେ କଲରାପାଳ ଗାଁ ନିକଟକୁ ଅଗ୍ନି ବ୍ୟାପିଥିଲା। ଗ୍ରାମବାସୀ ଭୟଭୀତ ହୋଇ ଖଇରା ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ କେନ୍ଦ୍ର ଅଧିକାରୀ ପ୍ରଦୀପ ପାତ୍ରଙ୍କ ସହ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁ ଲିଭାଇ ଥିଲେ।

## ଦୋକାନ ଘର ଉଚ୍ଛେଦ କରି ନ ପାରି ଫେରିଲେ କମିଶନର

**ଚନ୍ଦନେଶ୍ୱର, ୧୦ ।୧(ସମିସ):** ଭୋଗରାଇ ବ୍ଲକର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଚନ୍ଦନେଶ୍ୱର ବଜାରରେ ଥିବା କିଛି ଦୋକାନ ଗୃହକୁ ଉଚ୍ଛେଦ କରିବାକୁ ଆସି ବାଲେଶ୍ୱର ଜିଲ୍ଲା ଦୌରା ଅଦାଲତର କମିଶନର ଫେରିଯାଇଛନ୍ତି। ପଞ୍ଚାୟତବାସୀଙ୍କ ପ୍ରବଳ ବିରୋଧ ଓ ପ୍ରତିବାଦ ଯୋଗୁଁ ଜେସିବି ସହିତ ଉପସ୍ଥିତ ଅଧିକାରୀ ଭଙ୍ଗାରୁଜା କରିପାରି ନ ଥିଲେ। ଗରିବ, ସାଧାରଣ ଲୋକଙ୍କ ହକ୍ ପାଇଁ ସମସ୍ତେ ଅଭିଯୋଗକାରୀଙ୍କୁ ତୀବ୍ର ସମାଲୋଚନା କରିଥିଲେ।

ହୁଗୁଳି ପଞ୍ଚାୟତରେ ଥିବା ଗୋଚର କିସମ ଜାଗାରେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର, ଜଳ ପରିମଳ ବିଭାଗର ପାନୀୟ ଜଳ ପ୍ରକଳ୍ପ, ପଞ୍ଚାୟତ କାର୍ଯ୍ୟାଳୟ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଛି; ମାତ୍ର ଗାଜିପୁର ଗାଁର କିଛି ଲୋକ ଏହାକୁ ବିରୋଧ କରିବା ସହ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏଥିପାଇଁ ପଞ୍ଚାୟତ ଅଧୀନରେ ଥିବା ଗୋଚର କିସମର ପ୍ଲଟ ନଂ ୭ ୯ ୬ରେ ଥିବା ଦୋକାନ ଗୃହକୁ ଭାଙ୍ଗିବା ଲାଗି କମିଶନର ସୌମ୍ୟ ରଞ୍ଜନ ଲେଙ୍କା ପହଞ୍ଚିଥିଲେ; ହେଲେ ସ୍ଥାନୀୟ ଗାଁ ଲୋକ ଓ ପଞ୍ଚାୟତବାସୀ ଏହାର ତୀବ୍ର ପ୍ରତିବାଦ କରିଥିଲେ। ବାଧ ହୋଇ କମିଶନର ପଛଘୁଞ୍ଚା ଦେବା ସହ ଫେରି ଯାଇଥିଲେ। ତପନ ପଣ୍ଡା, ପଞ୍ଚାୟତ ସମିତି ସଦସ୍ୟ ଗୋବିନ୍ଦ ଦାସଙ୍କ ସମେତ ୱାର୍ଡ ସଭ୍ୟ, ବହୁ ମହିଳା, ପୁରୁଷ ଉପସ୍ଥିତ ଥିଲେ।

## ମଦ ନଷ୍ଟକଲେ ମହିଳା



**ଚୌକି, ୧୦ ।୧(ସମିସ):** ଭୋଗରାଇ ଅବକାରୀ ଥାନା ଅଧୀନ ଗୁଣସର୍ଥା ପଞ୍ଚାୟତର ସେହି ଗ୍ରାମର ଥିବା ହଳଦୀମାଳ ସାହିରେ ଚୋରା ମଦ ବେପାରୀଙ୍କ ବେଆଇନ ବେପାର ଯୋଗୁଁ ଅଞ୍ଚଳବାସୀ ନାକେଦମ ହେଲେଣି। ମଦ ବେପାରୀ ସୁକୁଲ ହେମ୍ବ୍ରମ ଗାଁରେ ଦେଶୀ ଓ ବିଦେଶୀ ମଦ ଖୁଲମଖୁଲା ବିକ୍ରି କରୁଛନ୍ତି। ଏହାଫଳରେ ସ୍ଥାନୀୟ ଅଞ୍ଚଳରେ ପାରିବାରିକ ଅଶାନ୍ତି ଦେଖାଦେବା ସହ ଆଇନ ଶୃଙ୍ଖଳା ସ୍ଥିତି ଦିନକୁ ଦିନ ବିଗିଡିବାକୁ ଗଲାଣି। ବୁଧବାର ଗାଁର ୨ଟି ମହିଳା ଗୋଷ୍ଠୀର ଶତାଧିକ ମହିଳା ମଦ ବେପାରୀଙ୍କ ଘରେ ପଶି ବହୁ ଦେଶୀ ଓ ବିଦେଶୀ ମଦ ନଷ୍ଟ କରିଛନ୍ତି। ପ୍ରଶାସନ ନୀରବ ରହିଲେ ଆଇନ ହାତକୁ ନେବାକୁ ମାରାମବୁରୁ ଓ ବିଶ୍ୱନାଥ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଚେତାବନୀ ଦେଇଛନ୍ତି।

## ଅଯୋଧ୍ୟା ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ଜାଗରଥ ଯାତ୍ରା

**ଭୋଗରାଇ, ୧୦ ।୧(ସମିସ):**

ଜାନୁଆରୀ ୨୨ ତାରିଖ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଭୋଗରାଇ ପ୍ରଖଣ୍ଡ ତରଫରୁ ଚନ୍ଦନେଶ୍ୱର ମଣ୍ଡଳରେ ଜାଗରଣ ଯାତ୍ରା ରଥ ବାହାରିଛି। ବାବା ଚନ୍ଦନେଶ୍ୱର ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା ପରେ ଏହି ରଥ ହୁଗୁଳି, ସାହାବାଜିପୁର, ବାଜିତପୁର, ଶଙ୍ଖାରି ଓ ଜଗନ୍ନାଥପୁର ପଞ୍ଚାୟତ ପରିକ୍ରମା କରିଛି। ଏହି ଜାଗରଣ ରଥ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଭୋଗରାଇର ବିଭିନ୍ନ ପଞ୍ଚାୟତ ପରିକ୍ରମା କରିବ ବୋଲି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ସୂଚନା ମିଳିଛି। ଏହି ଜାଗରଣ ଯାତ୍ରା ରଥ ପରିକ୍ରମାରେ




ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ଗ୍ରାମ୍ୟ ବିକାଶ ପ୍ରମୁଖ ତଥା ସଂଯୋଜକ ଅନୁପମ ପଣ୍ଡା, ଭୋଗରାଇ ସମ୍ପର୍କ ଜାଗରଣ ପ୍ରମୁଖ ତଥା ମହାବିଦ୍ୟାଳୟ ସଂଯୋଜକ ଦୀପକ ଜେନା, ବିଶ୍ୱହିନ୍ଦୁ ପରିଷଦ ଭୋଗରାଇ ପ୍ରଖଣ୍ଡ ସଂଯୋଜକ ଦିଲ୍ଲୀପ କାମିଲା, ଚନ୍ଦନେଶ୍ୱର ମଣ୍ଡଳ ସହପ୍ରମୁଖ ରାମକୃଷ୍ଣ ପରିଡ଼ା, ହୁଗୁଳି ପଞ୍ଚାୟତ ସଂଯୋଜକ ଗୌରଚରଣ ଜେନା, ସାହାବାଜିପୁର ପଞ୍ଚାୟତ ପ୍ରମୁଖ ପ୍ରମୋଦ ବେହେରା, ସାହାବାଜିପୁର ପଞ୍ଚାୟତ ସମିତି ସଭ୍ୟ ତରଣୀକାନ୍ତ ସେନାପତି, ଦୀନେଶ ବେହେରା, ରାଜେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମଠ, ମନ୍ଦିରରୁ ଚୋରି

**ବଳରାମପୁର, ୧୦ ।୧(ସମିସ):** ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅଧୀନ ନାବରା ଗ୍ରାମରେ ଥିବା ନିତାଇଗୌର ମନ୍ଦିର ଏବଂ ଜାମଶୁଳୀ ଗ୍ରାମରେ ଥିବା ଏକ ମଠରୁ ବିଳମ୍ବିତ ରାତିରେ ଚୋରି ହୋଇଛି। ମନ୍ଦିର ପୂଜକ ଓ ଗ୍ରାମବାସୀଙ୍କଠାରୁ ଏହି ସୂଚନା ପାଇ ପୁଲିସ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ ବି କହାରିକୁ ଧରିପାରିନି। ତେବେ ମଠ ମନ୍ଦରରୁ ଚୋରି ଘଟଣାକୁ ଗ୍ରାମବାସୀ ସହଜେ ଗ୍ରହଣ କରିପାରି ନାହାନ୍ତି। ଉଭୟ ମଠ ଏବଂ ମନ୍ଦିରରୁ ଠାକୁରଙ୍କ ସମସ୍ତ ଅଳଙ୍କାର ଏବଂ ଆସବାବପତ୍ର ଚୋରି ଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରି ଉପଯୁକ୍ତ ଶାସ୍ତି ଦେବାକୁ ଲୋକେ ଦାବି କରିଛନ୍ତି।

